بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ଖଣ୍ଡ: 8

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସଂଖ୍ୟା:23-24

ବାର୍ଷିକ ଦେୟ : ୬୦୦/-

www.badrqadian.in

25 ଜୁଲକାଦା 1444 ହି.କ, 15 ଏହସାନ୍ 1402 ହି.ଶ 8-15 June 2023 ମସିହା

### ଅଲ୍ଲାଃତାଲାଙ୍କ ବାଣୀ

وَرَحۡمَتِیۡ وَسِعَتۡ کُلَّ شَیۡءٍ ؕ فَسَاَکۡتُبُہَا لِلَّذِیۡنَ یَتَّقُوۡنَ وَیُؤۡتُوۡنَ الزَّکٰوۃَ وَالَّذِیۡنَ ہُمۡ بِاٰیٰتِنَا یُؤۡمِنُوۡنَ

(ସୁରତୁଲ୍ ଆରାଫ୍-157)

ଆମ୍ଭର କରୁଣା ପ୍ରତ୍ୟେକ ବସ୍ତୁକୁ ଆବେଷ୍ଟିତ କରି ରଖିଛି। ସୁତରାଂ ଯେଉଁମାନେ ଧର୍ମ ପରାୟଣ ଅଟନ୍ତି ଓ ଜକାତ୍ ଦିଅନ୍ତି ଏବଂ ଯେଉଁମାନେ ଆମ୍ଭର ନିଦର୍ଶ ନଗୁଡ଼ିକ ଉପରେ ବିଶ୍ୱାସ କରନ୍ତି ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ ତଥା ନିଜର ସକଳ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### (ତିନିଜଣ ବ୍ୟକ୍ତିଙ୍କ ଅଲ୍ଲାଃତାଲା ପ୍ରଳୟ ଦିବସରେ କଥାବାର୍ତ୍ତା କରିବେ ନାହିଁ କି ସେମାନଙ୍କ ଆଡ଼କୁ ଚାହିଁବେ ନାହିଁ)

(2369) ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଅଲ୍ଲାଃତାଲା ତିନିଜଣ ବ୍ୟକ୍ତିଙ୍କ ସହିତ ପ୍ରଳୟ ଦିବସ ଦିନ କଥାବାର୍ତ୍ତା କରିବେ ନାହିଁ କି ସେମାନଙ୍କ ଆଡ଼କୁ (ଦୟା ଚକ୍ଷୁରେ) ଚାହିଁବେ ନାହିଁ । ପ୍ରଥମ ହେଉଛି ସେହି ବ୍ୟକ୍ତି ଯିଏ ନିଜର ବ୍ୟବସାୟିକ ଜିନିଷ ପତ୍ର ବିକ୍ରୟ କରିବା ପାଇଁ ଶପଥ ନେଲା ଯେ, ମୋତେ ଏଥି ପାଇଁ ବର୍ତ୍ତମାନ ଯାହା ଦିଆଯାଉଛି ତାହାଠୁ ବି ଅଧିକ ଦିଆ ଯାଉଥିଲା, କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ପୂର୍ବବତ ମିଥ୍ୟାଚାରୀ ଅଟେ । ଦ୍ୱିତୀୟ ବ୍ୟକ୍ତି ଜଣେ ହେଉଛି ସେହି ବ୍ୟକ୍ତି ଯିଏ ଅସର (ସାୟାହ୍ନ) ପରେ ମିଥ୍ୟା ଶପଥ ଏଇଥି ପାଇଁ ନେଲା ଯେ, ସେ କୌଣସି ଏକ ମୁସଲମାନ ବ୍ୟକ୍ତିର ଧନକୁ ହଡ଼ପ କରିନେଉ । ତୃତୀୟ ହେଉଛି ସେହି ବ୍ୟକ୍ତି ଯିଏ ନିଜର ବଳକା ଜଳକୁ ଅଟକାଇ ଦେଲା । ଅର୍ଥାତ ଅନ୍ୟକୁ ନେବାକୁ ଦେଲା ନାହିଁ । ଏହିଭଳି ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା କହିବେ, ମୁଁ ମଧ୍ୟ ଆଜି ତୋ ଠାରୁ ନିଜର କୃପାକୁ ଅଟକାଇ ଦେଉଛି । ଯେପରିକି ତୁ ସେହି ବଳକା ଜିନିଷକୁ ଅଟକାଇ ନେଇଥିଲୁ, ଯାହାକୁ ତୁମେ ନିଜ ହସ୍ତରେ ସୃଷ୍ଟି କରି ନଥିଲ।

**ଆମର ପ୍ରିୟ ନବୀ ସ.ଅ ସକଳ ଦବ୍ୟ ଚମତ୍କାର ପ୍ରଦର୍ଶନକାରୀ ଅବତାରତ୍ୱର ଅଧିକାରୀ ଥିଲେ । ଆପଣ ସ.ଅ ସାହାବାମାନଙ୍କୁ ଦେଖି ଏହା ଆଶା କରୁଥିଲେ ଯେ, ସାହାବାମାନେ ପ୍ରତ୍ୟେକ କ୍ଷେତ୍ରରେ (ଆଧ୍ୟାତ୍ମିକ ଓ ସାଂସାରିକ) ଉନ୍ନତି କରନ୍ତୁ, ପରିଶେଷରେ ସାହାବାମାନେ ଆଁହଜରତ ସ.ଅଙ୍କୁ ଅନୁକରଣ କରିବା ଫଳରେ ତାହା ପାଇଲେ ଯାହା ସଂସାର କେବେ ପ୍ରାପ୍ତ କରି ନଥିଲା ଏବଂ ସାହାବାମାନେ ତାହା ଦେଖିଲେ ଯାହା ଅନ୍ୟ କେହି ଦେଖି ନଥିଲେ ।**

**(ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ)**

### ଅବତାରମାନଙ୍କ ମଧ୍ୟରେ ସହାନୁଭୂତିର ଅଭୂତପୂର୍ବ ଉତ୍ସାହ

ଅବତାରର ଆଗମନ ନିତ୍ୟାନ୍ତ ଆବଶ୍ୟକ ଅଟେ । କାରଣ ତା' ସହିତ ଅଲୌକିକ ଐଶୀ ଶକ୍ତି ହୋଇଥାଏ ଏବଂ ଅବତାରମାନଙ୍କର ହୃଦୟରେ ଲୋକମାନଙ୍କ ପ୍ରତି ସହାନୁଭୂତି, ହିତ ସାଧନକାରୀ ଏବଂ ଅନ୍ୟାନ୍ୟ ସାଧାରଣ ପୁଣ୍ୟାବଳୀ ଯାହାକି ବ୍ୟାକୁଳିତ କଲାଭଳି ଉତ୍ସାହ ରହିଥାଏ । ଅଲ୍ଲାଃତାଲା ନିଜର ବାର୍ତ୍ତାବହଙ୍କ ସଂକ୍ରାନ୍ତରେ କହିଲେ, لَعَلَّکَ بَاخِعٌ نَّفۡسَکَ اَلَّا یَکُوۡنُوۡا مُؤۡمِنِیۡنَ **(ଅଶ୍ ଶୋଅରା4)** ଅର୍ଥାତ ହେ ନବୀ ! ସେମାନେ କାହିଁକି ବିଶ୍ୱାସ କରୁ ନାହାନ୍ତି ସେଥିପାଇଁ ସମ୍ଭବତଃ ତୁମେ ନିଜ ଜୀବନକୁ ବିନାଶମୁଖୀ କରାଇବ ? ଦ୍ୱିତୀୟତଃ ମୁସଲମାନମାନଙ୍କ ସଂପର୍କରେ ଆଁହଜରତ ସ.ଅ ଚିନ୍ତିତ ଥିଲେ ଯେ, ସେମାନଙ୍କ ମଧ୍ୟରେ ସେହି ଉଚ୍ଚ ଆଧ୍ୟାତ୍ମିକ ଶକ୍ତି କାହିଁକି ଜାତ ହେଉ ନାହିଁ ଯାହା ଆପଣ ସ.ଅଙ୍କ ମଧ୍ୟରେ ବିଦ୍ୟମାନ ରହିଛି । ଉନ୍ନତି କ୍ରମ ପର୍ଯ୍ୟାୟରେ ହିଁ ହୋଇଥାଏ । ତେଣୁ ସାହାବାମାନଙ୍କର ଉନ୍ନତି ମଧ୍ୟ କ୍ରମାନୁଯାୟୀ ହୋଇଥିଲା । କିନ୍ତୁ ଅବତାରମାନଙ୍କର ହୃଦୟ ସଂପୂର୍ଣ୍ଣ ରୂପେ ସହାନୁଭୂତି ପୂର୍ଣ୍ଣ ରହିଥାଏ ଏବଂ ପୁନଶ୍ଚ ଆମର ପ୍ରିୟ ନବୀ ସ.ଅ ତ' ସକଳ ସଂପୂର୍ଣ୍ଣ ଚମତ୍କାରମୂଳକ ଅବତାରତ୍ୱର ଅଧିକାରୀ ଥିଲେ । ଆପଣ ସ.ଅଙ୍କ ଠାରେ ଏହି ସହାନୁଭୂତି ଅତ୍ୟନ୍ତ ଉଚ୍ଚ ସ୍ତରରେ ରହିଥିଲା । ଆପଣ ସ.ଅ ସାହାବାମାନଙ୍କୁ ଦେଖି ଏହି ଆଶା ପୋଷଣ କରୁଥିଲେ ଯେ, ସାହାବାମାନେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ଓ ଅଗ୍ରଗତି କରନ୍ତୁ । କିନ୍ତୁ ଉକ୍ତ ଉନ୍ନତି ନିର୍ଦ୍ଧାରିତ ସମୟରେ ନିୟତି କୃତ ଥିଲା । ପରିଶେଷରେ ସାହାବାମାନେ ତାହା ପ୍ରାପ୍ତ କଲେ ଯାହା ସଂସାର କେବେ ବି ପ୍ରାପ୍ତ କରି ନଥିଲା ଓ ସାହାବାମୋନେ ତାହା ଦେଖିଲେ ଯାହା ଅନ୍ୟ କୌଣସି ବ୍ୟକ୍ତି ଅବଲୋକନ କରି ନଥିଲା ।

## ଉଦ୍ୟମ ଉପରେ ହିଁ ସମସ୍ତ ବସ୍ତୁ ନିର୍ଭରଶୀଳ

ଉଦ୍ୟମ ଉପରେ ହିଁ ସମସ୍ତ ବସ୍ତୁ ନିର୍ଭରଶୀଳ ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا **(ଅଲ୍ ଅନ୍‌କବୁତ୍ -70)** ଅର୍ଥାତ ଯେଉଁମାନେ ଆମ୍ଭ ସହିତ ମିଳିତ ହେବା ନିମନ୍ତେ ଉଦ୍ୟମ କରନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଆମ୍ଭ ପଥରେ ପରିଚାଳିତ ହେବାକୁ ସୁଯୋଗ ଦେବୁ । ଉଦ୍ୟମ ବ୍ୟତୀରେକ କିଛି ବି ସମ୍ଭବପର ନୁହେଁ। ଯେଉଁ ବ୍ୟକ୍ତିମାନେ କୁହନ୍ତି ଯେ, ସୟେଦ୍ ଅବ୍‌ଦୁଲ୍ କାଦିର୍ ଜିଲାନୀ ର.ଅ ଏକ ଚାହାଣୀରେ ହିଁ ଚୋରକୁ ସନ୍ଥ କରିଦେଇ ପାରିଥିଲେ, ସେମାନେ ଭ୍ରମର ଶିକାର ଅଟନ୍ତି । ଏହିଭଳି ବାଯ୍ୟ କଥା ଲୋକମାନଙ୍କର ଘୋର ବିପର୍ଯ୍ୟୟ ଘଟାଇଛି। ଲୋକମାନେ ଭାବନ୍ତି ଯେ, କୌଣସି ସାଧୁ ସନ୍ନ୍ୟାସୀଙ୍କ ଝଡ଼ାଫୁଙ୍କା ଦ୍ୱାରା ଜଣେ ବ୍ୟକ୍ତି ସମ୍ମାନାସ୍ପଦ ବ୍ୟକ୍ତି ପାଲଟି ଯାଇଥାଏ। ତାହା କଦାପି ସମ୍ଭବପର ନୁହଁ ।

ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରତି ଶୀଘ୍ରତା ପ୍ରଦର୍ଶନ କରନ୍ତି ସେମାନେ ଅବଶ୍ୟ ନିପାତ ହୋଇଯାଆନ୍ତି । ଅତଃ ଉଦ୍ୟମ ବ୍ୟତୀରେକ ଅନ୍ୟ କୌଣସି କାର୍ଯ୍ୟ ସାଧିତ ହୋଇପାରିବ ନାହିଁ । ତେଣୁ ପ୍ରଭୁଙ୍କ ନିମନ୍ତେ (ତାହାଙ୍କ କରୁଣା ଓ ସାନ୍ନିଧ ଲାଭ) ଉଦ୍ୟମ କରିବା ହିଁ ବାସ୍ତବିକ ଉଦ୍ୟମ ଅଟେ । ଏହା ନୁହେଁ ଯେ, ତୁମେମାନେ ପବିତ୍ର କୁରଆନ୍ ବିରୁଦ୍ଧୀୟ କର୍ମ ସମ୍ପଦାନ କର । ଅର୍ଥାତ ଯୋଗୀ ଓ ସାଧୁ ସନ୍ନ୍ୟାସୀମାନଙ୍କ ପରି ତପସ୍ୟା କରି ବସନ୍ତି ସେହିପରି ତୁମେ ମଧ ସାଧୁ ସନ୍ନ୍ୟାସୀ ପାଲଟିଯିବ ଓ ଶିର୍କ କରି ବସ । ଅତଏବ ଈଶ୍ୱର ମୋତେ ଏହି କାର୍ଯ୍ୟ ନିମନ୍ତେ ନିୟୋଜିତ କରିଛନ୍ତି ଯେ, ମୁଁ ଯେପରି ସଂସାରକୁ ଏହା ଦେଖାଇ ପାରିବି ଯେ, ମନୁଷ୍ୟ କିପରି ଈଶ୍ୱରଙ୍କ ପର୍ଯ୍ୟନ୍ତ ଓ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇପାରିବ ? ଏହା ହେଉଛି ପ୍ରକୃତିର ନିୟମ । ସୁତରାଂ ନା ସମସ୍ତେ ବଞ୍ଚିତ ରୁହନ୍ତି ଓ ନା ହିଁ ସମସ୍ତେ ମାର୍ଗଦର୍ଶନ ପ୍ରାପ୍ତ କରନ୍ତି । ଅର୍ଥାତ ଯେଉଁ ଲୋକମାନେ ପ୍ରଭୁଙ୍କୁ ପ୍ରାପ୍ତ କରିବା ପାଇଁ ଆଁହଜରତ ସ.ଅ ଓ ପବିତ୍ର କୁରଆନ ଦ୍ୱାରା ପ୍ରଦତ୍ତ ମାର୍ଗ ଅନୁଯାୟୀ ପରିଚାଳିତ ହୁଅନ୍ତି ତେବେ ସେମାନେ ପ୍ରଭୁଙ୍କ କୃପା ଲାଭ ଓ ସାନ୍ନିଧ ପ୍ରାପ୍ତିର ବଞ୍ଚିତ ରୁହନ୍ତି ନାହିଁ । କିନ୍ତୁ ଯେଉଁମାନେ ପ୍ରଭୁଙ୍କର କୃପା ତଥା ତାହାଙ୍କ ସାନ୍ନିଧ ପ୍ରାପ୍ତ ନିମନ୍ତେ ଉଦ୍ୟମ କରନ୍ତି ନାହିଁ ଆଁହଜରତ ସ.ଅ ଓ ପବିତ୍ର କୁରଆନ୍‌ର ଆଦେଶକୁ ପାଳନ କରନ୍ତି ନାହିଁ ତେବେ ସେହିଭଳି ବ୍ୟକ୍ତିମାନେ ସତ୍‌ମାର୍ଗ ପ୍ରାପ୍ତ କରି ପାରନ୍ତି ନାହିଁ ।

**(ମଲଫୁଜାତ୍ ଭାଗ-1, ପୃ-460, ପ୍ରକାଶନ ବର୍ଷ 2018, ସ୍ଥାନ-କାଦିୟାନ୍)**

**ପବିତ୍ର କୁରଆନର ଏହି ଶ୍ରେଷ୍ଠତା ରହିଛି ଯେ, ସେ କେବଳ ବ୍ୟକ୍ତିକୁ ପାପ କରିବାରୁ ରୋକି ନଥାଏ । ବରଂ ପାପ କର୍ମ କରିବାରୁ ଅଟକି ଯିବାର ବିଭିନ୍ନ ମାର୍ଗ ସଂପର୍କରେ ମଧ ସୂଚନା ପ୍ରଦାନ କରିଥାଏ ।**
**ଯେଉଁ ପୁସ୍ତକ ପାପରୁ ବର୍ତ୍ତିବାର ମାଧମ ସଂପର୍କରେ ସୂଚନା ପ୍ରଦାନ କରେ ନାହିଁ ତାହା ମନୁଷ୍ୟକୁ ଏକ ସମସ୍ୟା ଓ ଜଞ୍ଜାଳ ଗ୍ରସ୍ତ କରି ଦେଇଥାଏ ।**
**ମନୁଷ୍ୟ ମଧରେ ଶାନ୍ତି ଓ ସନ୍ତୁଷ୍ଟି କେବଳ ସେହି ପୁସ୍ତକ ହିଁ ସୃଷ୍ଟି କରି ପାରିବ ଯିଏ ମନୁଷ୍ୟକୁ କୌଣସି ଅପ କର୍ମ କରିବାରୁ ରୋକିବା ସହିତ ତହିଁରୁ ବର୍ତ୍ତିବାର ମାଧମ ସଂପର୍କରେ ମଧ ସମ୍ୟକ ସୂଚନା ପ୍ରଦାନ କରିଥାଏ ।**

ହ. ମୁସଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲର ଆୟତ୍ ସଂଖ୍ୟା وَلَا تَقْرَبُوا الزِّنٰٓى اِنَّهٗ كَانَ فَاحِشَةً وَسَآءَ سَبِيْلًا ର ବ୍ୟାଖ୍ୟା କରି କୁହନ୍ତି, ଉକ୍ତ ଆୟତରେ ଜିନା ଅର୍ଥାତ ବ୍ୟଭିଚାରରୁ ବର୍ତ୍ତିବାର ଆଦେଶ, ସନ୍ତାନ ହତ୍ୟାର ଚର୍ଚ୍ଚା କରି ସାରିବା ପରେ ବର୍ଣ୍ଣିତ ହୋଇଛି। ତହିଁରେ ଏହି ସୌମ୍ୟ ଇଙ୍ଗିତ ରହିଛି ଯେ, ବ୍ୟଭିଚାର ଓ ବଳାତ୍କାର କରିବା ଫଳରେ ମଧ ସନ୍ତାନ ହତ୍ୟା ହୋଇଥାଏ । କାରଣ ସର୍ବ ପ୍ରଥମେ ବ୍ୟଭିଚାର ତଥା ବଳାତ୍କାରରୁ ଜାତ ଅବୈଧ ସନ୍ତାନକୁ ସାଧାରଣ ରୂପେ ହତ୍ୟା କରିବାକୁ ଉଦ୍ୟମ କରାଯାଇଥାଏ। ଦ୍ୱତୀୟରେ  ଯଦି ସନ୍ତାନ ନଷ୍ଟ ନ ବି ହୁଏ ତେବେ ମଧ ତା'ର ଲାଳନ ପାଳନ ଓ ସଂସ୍କାର ଆଦିରେ ବ୍ୟକ୍ତି ସ୍ୱାଧୀନ ହୋଇ ଅଂଶ ଗ୍ରହଣ କରି ନଥାଏ । ଫଳତଃ ସେହି ସନ୍ତାନ ଅଧିକାଂଶ ସମୟ ନିରୁତ୍ତରାଧିକାରୀ ହୋଇ ନଷ୍ଟ ହୋଇଯାଇଥାଏ। لَا تَقْرَبُوا الزِّنٰٓى ର ଶବ୍ଦ ପ୍ରୟୋଗ କରି ଅଲ୍ଲାଃଥାଲା ଏହି ଆଡ଼କୁ ଇଙ୍ଗିତ କରିଛନ୍ତି ଯେ, ତୁମେ ବ୍ୟଭିଚାରର ସୁଯୋଗ ଆଦୌ ସୃଷ୍ଟି କର ନାହିଁ । ଅର୍ଥାତ ଅପରିଚିତ ମହିଳାମାନଙ୍କୁ ପୃଥକ ଭାବରେ ସାକ୍ଷାତ୍ କର ନାହିଁ । ସେମାନଙ୍କ ସହିତ ନିରୋଳାରେ ମିଳାମିଶା ହୁଅ ନାହିଁ ଇତ୍ୟାଦି ଇତ୍ୟାଦି । ସୁତରାଂ ପବିତ୍ର କୁରଆନର ଏହି ମହାନ ଶ୍ରେଷ୍ଠତା ରହିଛି ଯେ, ପବିତ୍ର କୁରଆନ୍ କେବଳ ପାପ କର୍ମରୁ ରୋକି ନଥାଏ ବରଂ ପାପ କର୍ମ ନକରିବା ନିମନ୍ତେ ମାଧମ ସଂପର୍କରେ ମଧ ସୂଚନା ପ୍ରଦାନ କରିଦେଇଥାଏ । ଏହିଭଳି ଶିକ୍ଷା ହିଁ ମାନବଜାତିକୁ ବିପତ୍ତିରୁ ରକ୍ଷା କରିପାରିବ । ଯେଉଁ ପୁସ୍ତକ ପାପ କର୍ମରୁ ବର୍ତ୍ତିବା ନିମନ୍ତେ ମାଧମ ସଂପର୍କରେ ସୂଚନା ପ୍ରଦାନ କରି ନଥାଏ ତାହା ମନୁଷ୍ୟକୁ ସମସ୍ୟା ଓ ଜଞ୍ଜାଳ ଗ୍ରସ୍ତ କରି ଦେଇଥାଏ । ଶାନ୍ତି ଓ ସନ୍ତୁଷ୍ଟି କେବଳ ସେହି ପୁସ୍ତକ ହିଁ ସୃଷ୍ଟି କରିପାରେ ଯିଏ ବ୍ୟକ୍ତିକୁ ଅପକର୍ମ ବାରୁ ବାରଣ କରିବା ସହିତ ପାପରୁ ବର୍ତ୍ତିବା ନିମନ୍ତେ ମାଧମ ସଂପର୍କରେ ମଧ ସୂଚନା ପ୍ରଦାନ କରିଥାଏ । କାରଣ ମନୁଷ୍ୟକୁ ସନ୍ତୁଷ୍ଟି ଯେପରି ପ୍ରାପ୍ତ ହେଉ ଯେ, ମୁଁ ସେହି ଆଦେଶାବଳୀ ଉପରେ ପରିଚାଳିତ ହୋଇପାରିବି। ଇଞ୍ଜିଲ୍ କୁହେ ଯେ, ତୁମେ କୌଣସି ନାରୀକୁ କୁଦୃଷ୍ଟିରେ ଚାହଁ ନାହିଁ । କିନ୍ତୁ ପବିତ୍ର କୁରଆନ୍ କହେ ଯେ, ତୁମେ କୌଣସି ଅପିରିଚିତ ନାରୀ ଆଡ଼କୁ କଦାପି ଚାହଁ ନାହିଁ । କାରଣ ପୁରୁଷ ମନରେ ନାରୀ ପ୍ରତି ଥିବା ଆକର୍ଷଣ ଆନ୍ଦୋଳନ ସୃଷ୍ଟି କରିପାରେ । ଯେତେବେଳେ ଏଥିପାଇଁ ମାର୍ଗ ଉନ୍ମୁକ୍ତ କରିଦିଆଯାଏ ସେତେବେଳେ ସୁରକ୍ଷା ଅସମ୍ଭବ ନୁହେଁ ବରଂ ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଥାଏ । ଏହି ବ୍ରହ୍ମଜ୍ଞାନ ଅନୁଯାୟୀ ଏଠାରେ ଅଲ୍ଲାଃତାଲା କହିଲେ, ତୁମେ ପାପ ସ୍ଥାନରେ ଏତେ ଦୂରରେ ଛିଡ଼ା ହୁଅ ଯେ, ଯେଉଁ ଠାରୁ ତୁମେ ମନ୍ଦ କାର୍ଯ୍ୟର ମୁକାବିଲା କରିପାରିବ। କେତେକ ଲୋକ କହିଲେ, ଏହା ତ' ଭୀରୁତା ଅଟେ । କିନ୍ତୁ କିନ୍ତୁ ବାସ୍ତବରେ ଏହା ଭୀରୁତା ନୁହେଁ ଏହା ସତର୍କତା ଅଟେ । ଅତଏବ ସତର୍କତାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି ଭୀରୁତା ବୋଲି କହି ନଥାଏ ।

ପ୍ରକାଶ୍ୟ ଯେ, ମନୁଷ୍ୟ ଦୁଇ ପ୍ରକାରର ହୋଇପାରିବେ । ପ୍ରଥମତଃ ସେହି ମନୁଷ୍ୟ ଯିଏ ପାପ ବା ଅପରାଧ ନିକଟକୁ ଯାଇ ମଧ ବଞ୍ଚି ଯାଇପାରେ । ଏହିଭଳି ବ୍ୟକ୍ତିକୁ ପାପର ସ୍ଥାନରୁ ଦୂରେଇ ରହିବା ନିମନ୍ତେ ତାଗିଦ୍ କରାଯାଇଛି । ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.......

## (ଖୁତବା ଜୁମା)

ନିଃସନ୍ଦେହ ରୂପେ ସମସ୍ତ ଲୋକମାନଙ୍କ ମଧ୍ୟରେ ମୋ ପ୍ରତି ସର୍ବାଧିକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଓ ନିଜର ଧନ ମାଧ୍ୟମରେ ମୋତେ ସାହାଯ୍ୟ କରି ପୁଣ୍ୟ ଅର୍ଜନକାରୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର ର.ଅ, ଅତଃ ମୁଁ ଯଦି ମୋ ସଂପ୍ରଦାୟରୁ କୌଣସି ବ୍ୟକ୍ତିଙ୍କୁ ନିଜର ବନ୍ଧୁ କରି ଥାଆନ୍ତି ତେବେ ମୁଁ ହ. ଅବୁ ବକର ର.ଅଙ୍କୁ ହିଁ ନିଜର ବନ୍ଧୁ ରୂପେ ବରଣ କରି ଥାଆନ୍ତି । କିନ୍ତୁ ଇସଲାମ ଧର୍ମର ହିଁ ମହନୀୟତା ଯେ, ତହିଁରେ ଭ୍ରାତୃତ୍ୱତା ଓ ପ୍ରେମତ୍ୱମୂଳକ ଭାବ ରହିଛି । ହ. ଅବୁ ବକର ର.ଅଙ୍କ ଦ୍ୱାରକୁ ଛାଡ଼ି ମସଜିଦ୍ ଆଡ଼କୁ ଖୋଲୁଥିବା ସମସ୍ତ ଦ୍ୱାରକୁ ବନ୍ଦ କରିଦିଆଯାଉ । (ହଦିସ୍)

ଲୋକମାନଙ୍କ ମଧ୍ୟରେ ହ. ଅବୁ ବକର ର.ଅ ହିଁ ଆରବ ଦେଶର ସମ୍ଭ୍ରାନ୍ତ ବଂଶାବଳୀ ପରମ୍ପରା ସଂକ୍ରାନ୍ତରେ ସର୍ବାଧିକ ରୂପେ ଧାରଣା ରଖୁଥିଲେ ।

ମକ୍କାବାସୀଙ୍କ ନିକଟରେ ହ. ଅବୁ ବକର ର.ଅ ସର୍ବୋତ୍କୃଷ୍ଟ ବ୍ୟକ୍ତି ରୂପେ ପରିଚିତ ଥିଲେ ।

ହ. ଅବୁ ବକର ର.ଅ ବଂଶାବଳୀ ତଥା ସମ୍ଭ୍ରାନ୍ତ ବଂଶ ପରମ୍ପରାର ଜ୍ଞାନ ରଖିବା ସହିତ ଅୟାମେ ଅରବ୍ ଅର୍ଥାତ ପାରସ୍ପାରିକ ଯୁଦ୍ଧର ଇତିହାସର ଜଣେ ସୁଦକ୍ଷ ବିଦ୍ୱାନ ଥିଲେ ।

ହ. ଅବୁ ବକର ର.ଅ ଙ୍କ ଶ୍ରେଷ୍ଠତ୍ୱ ତଥା ତାଙ୍କର ଚାତୁର୍ଯ୍ୟତା, ବିଚକ୍ଷଣ ବୁଦ୍ଧି ହିଁ ପ୍ରାଥମିକ ପର୍ଯ୍ୟାରେ ନିଜର ଉଦାହରଣ ପ୍ରଦର୍ଶନ କରିଥିଲା ଓ ଶେଷ ପର୍ଯ୍ୟାୟରେ ମଧ୍ୟ, ଅର୍ଥାତ ତାହାଙ୍କ ଅସ୍ତିତ୍ୱ ମଜମୁଉଲ୍ ଫିରାସତୈନ୍ ଥିଲା (ହ. ମସିହ୍ ମଉଦ୍) ।

ଅଲ୍ଲାଃତାଲା ଆପଣ ର.ଅଙ୍କୁ ନିଜ ଆୟତର ଚରିତାର୍ଥ କରି ଆଁହଜରତ ସ.ଅଙ୍କ ସାହଚର୍ଯ୍ୟତା ନିମନ୍ତେ ମନୋନୀତ କରି ନେଇଥିଲେ ଓ ଆପଣ ର.ଅଙ୍କ ସତ୍ୟନିଷ୍ଠତା ତଥା ଅବିଚଳତା ଯୋଗୁଁ ଆପଣ ର.ଅଙ୍କର ପ୍ରଶଂସା କଲେ ।

ହ. ଅବୁ ବକର ର.ଅ ଅତ୍ୟନ୍ତ ବିଦ୍ୱାନ ବ୍ୟକ୍ତି ଥିଲେ ଓ ଆପଣ ର.ଅ ସ୍ୱପ୍ନ ଫଳ ବିଦ୍ୟାର କଳା ସଂପର୍କରେ ମଧ୍ୟ ଅଧିକ ଜ୍ଞାନର ଅଧିକାରୀ ଥିଲେ ।

ବିରୋଧୀମାନେ ମଧ୍ୟ ହ. ଅବୁ ବକର ର.ଅଙ୍କ ପୁଣ୍ୟ ଓ ଉତ୍ତମ ଚରିତ୍ରବତ୍ତାର କାଇଲ୍ ଥିଲେ ।

ତୁମମାନଙ୍କ ପକ୍ଷେ ଉଚିତ ହେବ ଯେ, ଇବନେ ଅବି କାହାଫା ଲୋକମାନଙ୍କୁ ନମାଜ ପାଠ କରାନ୍ତୁ ।

ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 11 Nov 2022 ମସିହା ଅନୁଯାୟୀ ୧୧ ନବୁୱତ୍ /୧୪୦୧ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶ କରାଯାଉଛି ।

أَشْهَدُ أَنْ لَّآ إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَ إِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ସର୍ବଶ୍ରେଷ୍ଠ ସତ୍ୟବାଦୀ ହ. ଅବୁ ବକର ର.ଅଙ୍କ ଚର୍ଚ୍ଚା ଚାଲିଥିଲା ଏବଂ ଆପଣ ର.ଅଙ୍କ ଜୀବନୀର କେତେକାଂଶ ବର୍ଣ୍ଣିତ ହୋଇଥିଲା। ସେହି କ୍ରମରେ ଯେଉଁ ବର୍ଣ୍ଣନାଗୁଡ଼ିକ ରହିଛି ତନ୍ମଧ୍ୟରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହ. ଅବୁ ବକର ର.ଅ ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତି ଥିଲେ ଏବଂ କବିତା ପ୍ରତି ତାଙ୍କର ଗଭୀର ଅଭିରୁଚି ରହିଥିଲା । ସେ ଲୋକମାନଙ୍କ ମଧ୍ୟରେ ଆରବବାସୀଙ୍କ ସମ୍ଭ୍ରାନ୍ତ ବର୍ଗଙ୍କ ସଂପର୍କରେ ସର୍ବାଧିକ ଧାରଣା ରଖୁଥିଲେ ।

ଜବିର୍ ବିନ୍ ମୁତ୍‌ଅମ୍ ଯେକି ଉକ୍ତ ବିଦ୍ୟା ଅର୍ଥାତ ଇଲମୁଲ୍ ଅନ୍‌ସାବରେ ପାରଙ୍ଗମ ଥିଲେ ସେ କହିଲେ, ମୁଁ ବଂଶ ପରମ୍ପରାର ବିଦ୍ୟା ହ. ଅବୁ ବକର ର.ଅଙ୍କ ଠାରୁ ଶିକ୍ଷା କରିଛି। ବିଶେଷ କରି କୁରୈଶମାନଙ୍କର ବଂଶ ପରମ୍ପରା ସଂକ୍ରାନ୍ତରେ। ବିଶେଷ କରି କୁରୈଶମାନଙ୍କର ସୁଗୁଣାବଳୀ ଓ ଦୋଷତ୍ରୁଟି ସଂପର୍କରେ ସର୍ବାଧିକ ରୂପେ ଅବଗତ ଥିଲେ । କିନ୍ତୁ ଆପଣ ର.ଅ କେବେ ବି ସେମାନଙ୍କର ଅବଗୁଣ ସଂପର୍କର ଚର୍ଚ୍ଚା କରୁ ନଥିଲେ । ସେହି କାରଣରୁ ଆପଣ ର.ଅ ହ. ଅକିଲ୍ ବିନ୍ ଅବୁ ତାଲିବ୍‌ଙ୍କ ର.ଅଙ୍କ ତୁଳନାରେ କୁରୈଶ୍‌ମାନଙ୍କ ମଧ୍ୟରେ ସର୍ବାଧିକ ରୂପେ ଲୋକପ୍ରିୟ ବ୍ୟକ୍ତି ଥିଲେ । ହ. ଅକିଲ୍ ର.ଅ ହ. ଅବୁ ବକର ର.ଅଙ୍କ ପରେ କୁରୈଶ୍‌ମାନଙ୍କର ବଂଶାବଳୀ, ସେମାନଙ୍କ ପୂର୍ବଜ ଆଦିଙ୍କ ସଂପର୍କରେ ଏବଂ ସେମାନଙ୍କର ଦକ୍ଷତା ଓ ଦୁର୍ବଳତା ସଂପର୍କରେ ସୁପରିଚିତ ଥିଲେ । କିନ୍ତୁ ହ. ଅକିଲ୍ ର.ଅ କୁରୈଶ୍‌ମାନଙ୍କର ଅପ୍ରିୟ ବ୍ୟକ୍ତି ଥିଲେ । କାରଣ

ହ. ଅକିଲ୍ କୁରୈଶ୍‌ମାନଙ୍କ ଅବଗୁଣାବଳୀ ସଂପର୍କରେ ଚର୍ଚ୍ଚା ମଧ୍ୟ କରି ଦେଉଥିଲେ । ହ. ଅକିଲ୍ ର.ଅ ମସ୍‌ଜିଦେ ନବ୍‌ୱୀ ଠାରେ ବଂଶାବଳୀ, ଆରବବାସୀଙ୍କ ଅବସ୍ଥା ଓ ଘଟଣାବଳୀର ଜ୍ଞାନ ପ୍ରାପ୍ତ କରିବା ନିମନ୍ତେ ହ. ଅବୁ ବକର ର.ଅଙ୍କ ନିକଟରେ ବସୁଥିଲେ ।

ମକ୍କାବାସୀଙ୍କ ଦୃଷ୍ଟିରେ ହ. ଅବୁ ବକର ର.ଅ ସର୍ବୋତ୍ତମ ବ୍ୟକ୍ତି ଥିଲେ । ଅତଃ ମକ୍କାବାସୀ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଉଥିଲେ ସେତେବେଳେ ସେମାନେ ହ. ଅବୁ ବକର ର.ଅଙ୍କ ଠାରୁ ସାହାଯ୍ୟ ଲୋଡୁଥିଲେ । **(ଅସ୍ ସିରତୁଲ୍ ହଲବିୟା, ଭାଗ-1 ପୃ-390, ଅଧ୍ୟାୟ-ଅୱଲୁନ୍ ନାସି ଇମାନନ୍ ବିହି ସ.ଅ, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍ 2002 ମସିହା)**

ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ବକର ର.ଅଙ୍କ ପରେ କୁରୈଶମାନଙ୍କର ବଂଶାବଳୀ, ସେମାନଙ୍କ ପୂର୍ବଜ ଆଦିଙ୍କ ସଂପର୍କରେ ସର୍ବାଧିକ ସୁପରିଚିତ ଥିଲେ ଓ ଧାରଣା ରଖୁଥିଲେ। ଯେତେବେଳେ କୁରୈଶ୍ ସଂପ୍ରଦାୟର କବିମାନେ ଆଁହଜରତ ସ.ଅଙ୍କୁ ବ୍ୟଙ୍ଗାତ୍ମକ ତଥା ନିନ୍ଦାପୂର୍ବକ କବିତାମାନ କହିଲେ ସେତେବେଳେ ହ. ଅବୁ ବକର ର.ଅ ହ. ହସ୍ସାନ୍ ବିନ୍ ସାବିତ୍ ର.ଅଙ୍କୁ ସେହି ବ୍ୟଙ୍ଗ କବିମାନଙ୍କ କବିତାର ଉତ୍ତର ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଁହଜରତ ସ.ଅ ହ. ହସ୍ସାନ ବିନ୍ ସାବିତ୍ ର.ଅଙ୍କୁ କହିଲେ, ହସ୍ସାନ୍ ! କୁରୈଶ୍ ସଂପ୍ରଦାୟର ଉଚ୍ଚ ଏବଂ ସମ୍ଭ୍ରାନ୍ତୀୟ ବଂଶ ହେବା ସଂପର୍କରେ ହ. ଅବୁ ବକର ର.ଅଙ୍କୁ ପଚାରି ନିଅ । ହ. ହସ୍ସାନ ର.ଅ କହୁଥିଲେ ଯେ, ମୁଁ କବିତା ଲେଖିବା ପୂର୍ବରୁ ହ. ଅବୁ ବକର ର.ଅଙ୍କ ସେବାରେ ଉପସ୍ଥିତ ହେଉଥିଲି ଏବଂ ସେ ଅର୍ଥାତ ହ. ଅବୁ ବକର ର.ଅ କୁରୈଶ୍‌ର ମହିଳା ଓ ପୁରୁଷମାନଙ୍କ ସଂପର୍କରେ ମୋର ମାର୍ଗ ଦର୍ଶନ କରୁଥିଲେ । ସୁତରାଂ ହ. ହସ୍ସାନ୍ ବିନ୍ ସାବିତ୍ ର.ଅଙ୍କ କବିତା ଯେତେବେଳେ ମକ୍କା ପ୍ରେରିତ ହେଉଥିଲା ସେତେବେଳେ କୁରୈଶ୍‌ମାନେ କହୁଥିଲେ ଏହି କବିତା ପଛରେ ଅବଶ୍ୟ ହ. ଅବୁ ବକର ର.ଅଙ୍କ ମାର୍ଗଦର୍ଶନ ଏବଂ ପରାମର୍ଶ ନିହିତ ରହିଛି । **(ସୟେଦିନା ସିଦ୍ଦିକେ ଅକବରଙ୍କ ଜୀବନୀରୁ ଆନୀତ, ଶିକ୍ଷକ ଉମର୍ ଅବୁନ୍ ନସର୍, ଉର୍ଦ୍ଦୁ ଅନୁବାଦ. ପୃ-817-18)**

ହ. ଅବୁ ବକର ବଂଶାବଳୀ ବିଦ୍ୟା ପରି ଅୟ୍ୟାମେ ଅରବ୍ ଅର୍ଥାତ ଆରବୀୟମାନଙ୍କର ପାରସ୍ପାରିକ ଯୁଦ୍ଧର ଇତିହାସର ମଧ୍ୟ ଜଣେ ବରିଷ୍ଠ ବିଦ୍ୱାନ ଥିଲେ ।

ଏହିପରି ଭାବରେ ହ. ଅବୁ ବକର ର.ଅ ଯଦିଓ ନିୟମିତ କବି ନଥିଲେ । କିନ୍ତୁ କବିତା ପ୍ରତି ତାଙ୍କର ଗଭୀର ଅଭିରୁଚି ରହିଥିଲା । ହ. ଅବୁ ବକର ର.ଅଙ୍କ ଜୀବନୀ ସଂପର୍କରେ ଯେଉଁ ଜୀବନୀ ଲେଖାଳୀମାନେ ଯୁକ୍ତି ବାଢ଼ିଛନ୍ତି ଯେ, ହ. ଅବୁ ବକର ର.ଅ ନିୟମିତ ରୂପେ କବିତା କହୁଥିଲେ ତ' ଆଉ କେତେକ ଜୀବନୀ ଲେଖାଳୀମାନେ ଏହି ଯୁକ୍ତି ବାଢ଼ିଛନ୍ତି ଯେ, ହ. ଅବୁ ବକର ର.ଅ ନିୟମିତ କବିତା ଲେଖୁ ନଥିଲେ । ସେ ଯାହା ହେଉ ନା କାହିଁକି କେତେକ ଜୀବନୀକାର ହ. ଅବୁ ବକର ର.ଅଙ୍କ କେତେକ କବିତାର ଚର୍ଚ୍ଚା ମଧ୍ୟ କରିଛନ୍ତି । ସେହିପରି ହ. ଅବୁ ବକର ର.ଅଙ୍କ ୨୫ଟି କସିଦା (କୌଣସି ବ୍ୟକ୍ତି ଉଦ୍ଦେଶ୍ୟରେ ଭାବ ବ୍ୟକ୍ତ କରୁଥିବା ଛନ୍ଦମୟ କବିତା) ସମ୍ବଳିତ ଏକ ପତ୍ର ତୁର୍କୀର ଏକ ପାଠାଗାରରୁ ଉଦ୍ଧାର ହୋଇଛି । ତତ୍‌ସଂକ୍ରାନ୍ତରେ କୁହାଯାଏ ଯେ, ଏହା ହ. ଅବୁ ବକର ର.ଅଙ୍କ ହିଁ କବିତା ଅଟେ। ଏଥି ସଂକ୍ରାନ୍ତରେ ଜଣେ ବ୍ୟକ୍ତି ଏହା ମଧ୍ୟ ଉଲ୍ଲେଖ କରିଛି ଯେ, ଏହି କବିତାବଳୀଗୁଡ଼ିକୁ ହ. ଅବୁ ବକର ର.ଅଙ୍କର ବୋଲି ମୋତେ ପୁଷ୍ଟିଗତ ଐଶୀବାଣୀ ହୋଇଛି । ତବ୍‌କାତ୍ ଇବ୍‌ନେ ସାଆଦ୍ ଓ ସିରତ୍ ଇବ୍‌ନେ ହିଶ୍ଶାମ୍‌ରେ ମଧ୍ୟ ଏହା ଉଲ୍ଲେଖ କରିଛନ୍ତି ଯେ, ହ. ଅବୁ ବକର ର.ଅ କବିତାର କେତେକ ପଦ କହିଥିଲେ ।

ଆଁହଜରତ ସ.ଅଙ୍କ ବିୟୋଗ ଓ ଅନ୍ତିମ ସଂସ୍କାର ପରେ ହ. ଅବୁ ବକର ର.ଅ ଯେଉଁ କବିତାବଳୀ ବର୍ଣ୍ଣନା କରିଥିଲେ ତାହାର ଓଡ଼ିଆ ଅନୁବାଦ ଏହିପରି, **"ହେ ଚକ୍ଷୁ ତୋତେ ସଂସାରର ଶ୍ରେଷ୍ଠ ଅଧିପତି ହ. ମୁହମ୍ମଦ୍ ସ.ଅ ପାଇଁ ଲୁହ ଝରାଇବାକୁ ରାଣ ଦେଉଛି। ତୁ ଲୁହ ଝରାଉଥା ଏବଂ ତୋର ଲୁହ କେବେ ବି ଅବିଶ୍ରାନ୍ତ ନହେଉ । ହେ ଚକ୍ଷୁ ! କୁରୈଶ ସଂପ୍ରଦାୟର ପୁରୁଷୋତ୍ତମ ସୁପୁତ୍ର ପାଇଁ ଲୋତକାପ୍ଲୁତ ହୋଇଯା ! ଯାହାଙ୍କୁ ସନ୍ଧ୍ୟା ସମୟରେ କବର ମଧ୍ୟରେ ଲୁକ୍କାୟିତ କରିଦିଆଯାଇଛି (ଅର୍ଥାତ ସମାଧି ଦିଆଯାଇଛି) । ଅତଏବ ରାଜାଧିରାଜ, ଭକ୍ତଙ୍କର ରାଜା ଏବଂ ଈଶ୍ୱରଙ୍କ ଉପାସନାକାରୀ ଆଁହଜରତ ସ.ଅଙ୍କ ଉପରେ ଏହି ଅଧମର ଦୁରୁଦ୍ ଅବତୀର୍ଣ୍ଣ ହେଉ । ସୁତରାଂ ମୋର ପ୍ରିୟ ନବୀ ସ.ଅଙ୍କ ବିରହ ପରେ ବର୍ତ୍ତମାନ ଜୀବନ ମୂଲ୍ୟହୀନ ଅଟେ । ଦଶଟି ସଂସାରକୁ ଜୀବନନ୍ୟାସ ଦେଇଥିବା ଅସ୍ତିତ୍ୱଙ୍କ ବିରହ ପରେ ସଂସାରଜଗତ ନିଜକୁ କିପରି ଆଭୂଷିତ କରିପାରିବ ? ଅତଃ ଆମେମାନେ ଯେଉଁଭଳି ଭାବରେ ଇହଧାମରେ ସାଥି ହୋଇ ରହିଥିଲୁ ସେହିଭଳି ମୃତ୍ୟୁ ମଧ୍ୟ ଆମମାନଙ୍କୁ ଏକାସାଙ୍ଗରେ ନିଜ ବଳୟ ମଧ୍ୟକୁ ଟାଣି ନିଅନ୍ତା କି ?" (ସୟେଦିନା ସିଦ୍ଦିକେ ଅକବରଙ୍କ ଜୀବନୀ, ଲେଖକ-ଅଧ୍ୟାପକ ଉମର୍ ଅବୁନ୍ ନସର୍, ଉର୍ଦ୍ଦୁ ଅନୁବାଦ, ପୃ- 818-22)**

ହ. ଅବୁ ବକର ର.ଅଙ୍କ ଚାତୁର୍ଯ୍ୟତା ସପଂର୍କରେ ଉଲ୍ଲେଖ ରହିଛି ଯେ, ହ. ଅବୁ ବକ୍କର ର.ଅ ଅତ୍ୟନ୍ତ ଚତୁର ଓ ବିଚକ୍ଷଣ ବ୍ୟକ୍ତି ଥିଲେ । ହ. ଅବୁ ସଇଦ୍ ଖୁଦ୍‌ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ ସ.ଅ ଜଣେ ବ୍ୟକ୍ତିକୁ କହିଲେ, ଅଲ୍ଲାଃତାଲା ଜଣେ ଭକ୍ତକୁ ଏହି ସ୍ୱାଧୀନତା ଦେଇଛନ୍ତି ସେ ସଂସାରକୁ ଚୟନ କରୁ ଅବା ନିଜର ଇଷ୍ଟଦେବତାଙ୍କୁ । ତେଣୁ ତୁମେ କାହାକୁ ଚୟନ କଲ? ଉକ୍ତ ବ୍ୟକ୍ତି ଜଣକ କହିଲା, ଅଲ୍ଲାଃତାଲାଙ୍କ ନିକଟରେ ଯାହା ରହିଛି ମୁଁ ତାହାକୁ ହିଁ ମୁଁ ପସନ୍ଦ କରିଛି । ଏକଥା ଶୁଣି ହ. ଅବୁ ବକର ର.ଅ କାନ୍ଦି ପକାଇଲେ । ତେବେ ମୁଁ (ହ. ଅବୁ ସଇଦ୍ ଖୁଦରୀ) ନିଜ ମନରେ କହିଲି, ଉକ୍ତ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ କେଉଁ କଥାଟି କାନ୍ଦିବାକୁ ବାଧ୍ୟ କରିଛି ? ଆଁହଜରତ୍ ସ.ଅ କହିଲେ, ହେ ଅବୁ ବକର ! କାନ୍ଦ ନା ।

ପରବର୍ତ୍ତୀ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ କହିଲେ, ହେ ଅବୁ ବକର ! କାନ୍ଦ ନା । ନିଃସନ୍ଦେହ ସମସ୍ତ ଲୋକମାନଙ୍କ ମଧ୍ୟରେ ନିଜର ବନ୍ଧୁତ୍ୱ ଏବଂ ସାହଚର୍ଯ୍ୟତା ଓ ଅର୍ଥ ମାଧ୍ୟମରେ ମୋ ଉପରେ ଉପକାର କରିଥିବା ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ଉପକାରୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର । ସୁତରାଂ ମୁଁ ଯଦି ନିଜ ସଂପ୍ରଦାୟରୁ କୌଣସି ବ୍ୟକ୍ତିଙ୍କୁ ନିଜର ବନ୍ଧୁ ରୂପେ ବାଛିବି ତେବେ ମୁଁ ଅବୁ ବକରଙ୍କୁ ହିଁ ନିଜର ବନ୍ଧୁ କରିବି । କିନ୍ତୁ ଇସ୍‌ଲାମ୍ ଧର୍ମର ଭ୍ରାତୃତ୍ୱତା ଓ ପ୍ରେମ

ହିଁ ଯଥେଷ୍ଟ ଅଟେ । ହ. ଅବୁ ବକର ର.ଅଙ୍କ ଦ୍ୱାର ଓ ଝରକାକୁ ଛାଡ଼ି ମସ୍‌ଜିଦ୍ ଆଡ଼କୁ ଖୋଲୁଥିବା ସମସ୍ତ ଦ୍ୱାର ଓ ଝରକା ଅନ୍ୟ ବ୍ୟକ୍ତିମାନଙ୍କ ପାଇଁ ବନ୍ଦ କରିଦିଆଯାଉ । **(ସହିହୁଲ୍ ବୁଖାରୀ, କିତାବୁସ୍ ସଲାତ୍, ବାବୁଲ ଖୌଫତ ୱଲ୍ ମୁମର୍ରା ଫିଲ୍ ମସ୍‌ଜିଦି, ରିୱାୟତ୍ ନଂ-466)**

ହ. ଅବୁ ବକର ର.ଅଙ୍କ ଚାତୁର୍ଯ୍ୟତା ସପର୍କରେ ଉକ୍ତ ପ୍ରାମାଣ୍ୟ ପୁନଃ ଉପସ୍ଥାପିତ କଲେ । ହ. ଅବୁ ବକର ର.ଅଙ୍କ ଦ୍ୱାର ଓ ଝରକା ବ୍ୟତୀତ ମସ୍‌ଜିଦ୍ ଆଡ଼କୁ ଖୋଲୁଥିବା ଅନ୍ୟ ସମସ୍ତ ଲୋକମାନଙ୍କର ଦ୍ୱାର ଓ ଝରକାକୁ ବନ୍ଦ କରିଦିଆଯାଉର ପ୍ରାମାଣ୍ୟଟି ମୁଁ (ହୁଜୁର ଅନୱର୍ ଅ.ବ) ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି । ହ. ମସିହ୍ ମଉଦ୍ ଅ.ସ ମଧ୍ୟ ତତ୍‌ସଂପର୍କରେ ବ୍ୟାଖ୍ୟା କରିଛନ୍ତି ଯାହାକୁ ମୁଁ ଆଗକୁ ବର୍ଣ୍ଣନା କରିବି । ସେ ଯାହା ହେଉ ନା କାହିଁକି ଏହି ବନ୍ଧୁତ୍ୱ ସଂପର୍କରେ ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି, ହ. ରସୁଲ୍ କରୀମ ସ.ଅ ଯେତେବେଳେ ନିଜ ଜୀବନର ଶେଷ ଦିନରେ ଉପନୀତ ହେଲେ ସେତେବେଳେ ଦିନେ ଆପଣ ସ.ଅ ଭାଷଣ ଦେବା ପାଇଁ ଛିଡ଼ା ହେଲେ ଏବଂ ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ହେ ଲୋକମାନେ ! ଅଲ୍ଲାଃତାଲାଙ୍କର ଜଣେ ଭକ୍ତ ରହିଛି ତାହାକୁ ତା'ର ପ୍ରଭୁ ସମ୍ବୋଧିତ କଲେ ଏବଂ କହିଲେ, ହେ ମୋର ଭକ୍ତ! ମୁଁ ତୋତେ ଏହି ସ୍ୱାଧୀନତା ପ୍ରଦାନ କରୁଛି ଯେ, ତୁ ଯଦି ଏହି ମର୍ତ୍ତ୍ୟାଲୋକରେ ରହିବାକୁ ଇଚ୍ଛୁକ ତେବେ ତୁ ଏଠାରେ ରହିପାରୁ ଏବଂ ତୁ ଯଦି ମୋ ନିକଟରେ ରହିବାକୁ ଚାହୁଁଛୁ ତାହାହେଲେ ତୁ ମୋ ନିକଟକୁ ଚାଲି ଆସ । ପ୍ରତ୍ୟୁତ୍ତରରେ ସେହି ଭକ୍ତ ଈଶ୍ୱରଙ୍କ ସାମୀପ୍ୟତାକୁ ହିଁ ପସନ୍ଦ କଲା । ଆଁହଜରତ ସ.ଅ ଯେତେବେଳେ ଏକଥା କହୁଥିଲେ ସେତେବେଳେ ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କ ଏହି କଥାକୁ ଶୁଣି କାନ୍ଦିବାକୁ ଲାଗିଲେ ଏବଂ ଆପଣ ର.ଅଙ୍କ ହିକ୍କା ଆରମ୍ଭ ହୋଇଗଲା । ହ. ଉମର୍ ର.ଅ କୁହନ୍ତି ଯେ, ମୁଁ ହ. ଅବୁ ବକର ର.ଅ.ର.ଅଙ୍କର କ୍ରନ୍ଦନରତ ଅବସ୍ଥାକୁ ଦେଖି ଅତ୍ୟନ୍ତ କ୍ରୋଧିତ ହେଲି । କାରଣ ରସୁଲୁଲ୍ଲାଃ ସ.ଅ ତ' କୌଣସି ଏକ ଭକ୍ତର ଘଟଣା ବର୍ଣ୍ଣନା କରି କହୁଛନ୍ତି ଯେ, ଅଲ୍ଲାଃତାଲା ସେହି ଭକ୍ତକୁ ଏହି ସ୍ୱାଧୀନତା ପ୍ରଦାନ କରିଛନ୍ତି ଯେ, ସେ ମର୍ତ୍ତ୍ୟାଲୋକରେ ରହିବାକୁ ଯଦି ଇଚ୍ଛୁକ ତେବେ ସେ ମର୍ତ୍ତ୍ୟାଲୋକରେ ରହୁ । ଆଉ ଯଦି ସେ ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ କରିବାକୁ ଇଚ୍ଛୁକ ତେବେ ସେ ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରୁ। ଅତଃ ଉକ୍ତ ଭକ୍ତ ଜଣକ ପ୍ରଭୁଙ୍କ ସାମୀପ୍ୟତାକୁ ପସନ୍ଦ କଲା। ହେଲେ ଏହି ବୁଢା (ହ. ଅବୁ ବକର ର.ଅ) କାହିଁକି କାନ୍ଦୁଛି ? କିନ୍ତୁ ହ. ଅବୁ ବକର ର.ଅଙ୍କୁ ଏତେ ହିକ୍କା ଲାଗିଲା ଯେ, ତାହା ବନ୍ଦ ହେବାକୁ ନାଁ ଧରୁ ନଥିଲା । ପରିଶେଷରେ ଆଁହଜରତ ସ.ଅ କହିଲେ ଯେ, ମୁଁ ହ. ଅବୁ ବକର ର.ଅଙ୍କୁ ଏତେ ଭଲପାଏ ଯେ, ଯଦି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ନିଜର ବନ୍ଧୁ ବାଛନ୍ତି ତେବେ ହ. ଅବୁ ବକର ର.ଅଙ୍କୁ ହିଁ ବାଛିବି ଏବଂ ତାଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିକୁ ବନ୍ଧୁ କରିବାକୁ ଅବୈଧ ମନେ କରିବି । ହ. ଉମର୍ ର.ଅ କୁହନ୍ତି, କିଛି ଦିନ ଗଲାପରେ ଯେତେବେଳେ ଆଁହଜରତ ସ.ଅଙ୍କ ଅକାଳ ବିୟୋଗ ହେଲା ସେତେବେଳେ ଆମେମାନେ ଭାବିଲୁ ଯେ, ହ. ଅବୁ ବକର ର.ଅ କାହିଁକି କାନ୍ଦୁଥିଲେ ? ସେହିପରି ମୋର ତାଙ୍କ ଉପରେ କ୍ରୋଧିତ ହେବା ମୂର୍ଖତାର ଲକ୍ଷଣ ଥିଲା । **(ଉସ୍‌ୱାଏ ହସ୍‌ନା, ଅନ୍‌ୱାରୁଲ୍ ଉଲୁମ୍, ଭାଗ-17, ପୃ-102)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ହ. ଅବୁ ବକର ର.ଅ ଯାହାଙ୍କୁ ପବିତ୍ର କୁରଆନ୍‌ର ଜ୍ଞାନ୍ ପ୍ରାପ୍ତ ହୋଇଥିଲା । ସୁତରାଂ ରସୁଲ୍ କରୀମ୍ ସ.ଅ ଯେତେବେଳେ ଏହି ଆୟତ୍ ଅର୍ଥାତ **'ଅଲ୍ ୟୌମା ଅକ୍‌ମଲ୍‌ତୁ ଲକୁମ୍ ଦିନୁକୁମ୍ ୱ ଅତ୍‌ମମ୍‌ତୁ ଅଲୈକୁମ୍ ନିମତି'** ପଢିଲେ ସେତେବେଳେ ହ. ଅବୁ ବକର ର.ଅ କାନ୍ଦି ପକାଇଲେ ଏବଂ କହିଲେ, ମୋତେ ଉକ୍ତ ଆୟତ୍‌ରୁ ଈଶ୍ୱରଙ୍କ ବାର୍ତ୍ତାବହ ରସୁଲ୍ କରୀମ ସ.ଅଙ୍କ ବିୟୋଗର ଆଭାସ ହେଉଛି । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଅମ୍ବିୟା ଅ.ସ (ନବୀମାନେ) ଜଣେ ଜଣେ ଶାସକ ସଦୃଶ । ଯେଉଁଭଳି ଜଣେ ଜମି ବନ୍ଦୋବସ୍ତକାରୀ କର୍ମଚାରୀ ଯେତେବେଳେ ନିଜର କର୍ମ ସମ୍ପାଦନ କରିନିଏ ସେତେବେଳେ ସେ ସେଠାରୁ ପ୍ରସ୍ଥାନ କରିଥାଏ । ଠିକ୍ ସେହିପରି ନବୀମାନେ ଯେଉଁ କାର୍ଯ୍ୟ ସକାଶେ ଏହି ମର୍ତ୍ତ୍ୟମଣ୍ଡଳକୁ ଆସିଥାଆନ୍ତି ଏବଂ ଯେତେବେଳେ ସେମାନେ ସେହି କାର୍ଯ୍ୟକୁ ସମ୍ପାଦନ କରି ନିଅନ୍ତି ସେତେବେଳେ ସେମାନେ ଏହି ମର୍ତ୍ତ୍ୟମଣ୍ଡଳରୁ ବିଦାୟ ନେଇଯାନ୍ତି । ସୁତରାଂ ଯେତେବେଳେ **'ଅଲ୍ ୟୌମା ଅକ୍‌ମଲ୍‌ତୁ ଲକୁମ୍ ଦିନୁକୁମ୍'** ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ହ. ଅବୁ ବକର ର.ଅ ବୁଝିନେଲେ ଯେ, ଏହା ଆଁହଜରତ ସ.ଅଙ୍କ ଶେଷ ବାଣୀ ଅଟେ। ଅତଏବ ତହିଁରୁ ଏହା ସ୍ପଷ୍ଟ ଭାବରେ ପ୍ରତିଭାତ ହେଉଅଛି ଯେ, ହ. ଅବୁ ବକର ର.ଅଙ୍କ ବୁଦ୍ଧିମତା କେତେ ବ୍ୟାପକ ଓ ପ୍ରଖର ଥିଲା ଓ ସେ ଜଣେ ବିଚକ୍ଷଣ ବୁଦ୍ଧି ଜ୍ଞାନ ସମ୍ପନ୍ନ ବ୍ୟକ୍ତି ଥିଲେ । ହଦିସମାନଙ୍କର ଯେଉଁ କଥା କୁହାଯାଇଛି ଯେ, ହ. ଅବୁ ବକର ର.ଅଙ୍କ ଦ୍ୱାର ଓ ଝରକା ବ୍ୟତୀତ ମସଜିଦ୍ ଆଡ଼କୁ ଖୋଲୁଥିବା ଅନ୍ୟ ସମସ୍ତ ଲୋକମାନଙ୍କର କବାଟ ଝରକା ବନ୍ଦ କରିଦିଆଯାଉ। ତତ୍‌ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କହିଲେ, କବାଟ ଝରକା ବନ୍ଦ ହେବାରୁ କ'ଣ ଯଥାର୍ଥ ? ତହିଁରେ ଏହି ରହସ୍ୟ ରହିଛି ଯେ, ମସଜିଦ୍ ଯଦିଓ ପ୍ରଭୁଙ୍କ ରହସ୍ୟର ପରିପ୍ରକାଶକ ଅଟେ। ସେଇଥିପାଇଁ ହ. ଅବୁ ବକର ର.ଅଙ୍କ ଆଡ଼କୁ ଖୋଲୁଥିବା ମସ୍‌ଜିଦ୍‌ର ଦ୍ୱାର ଓ ଝରକା ବନ୍ଦ ହେବ ନାହିଁ ।

ଅଲ୍ଲାଃତାଲାଙ୍କ ରହସ୍ୟ ତଥା ତାହାଙ୍କ ବାଣୀରେ ଯେଉଁ ବ୍ରହ୍ମଜ୍ଞାନ ରହିଛି ତାହା ହ. ଅବୁ ବକର ର.ଅଙ୍କ ଉପରେ ସର୍ବଦା ଉନ୍ମୁକ୍ତ ରହିବ । ପରବର୍ତ୍ତୀ ସମୟରେ ତାହା ଉନ୍ମୁକ୍ତ ହୋଇଚାଲିବ। ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଅମ୍ବିୟା ଅ.ସ ଇସ୍ତିଆରା (ରୂପକ) ଓ ଭୌତିକତାକୁ ବିନିଯୋଗ କରିଥାଆନ୍ତି । ଯେଉଁ ବ୍ୟକ୍ତି ମୁଲ୍ଲାମାନଙ୍କ ପରି ଖାଲି ଏହା କୁହେଁ ଯେ, ନାହିଁ ପ୍ରକାଶ୍ୟ ହିଁ ବାସ୍ତବ ବସ୍ତୁ । ତେବେ ଉକ୍ତ ବ୍ୟକ୍ତି ଜଣକ ଭ୍ରମର ଶିକାର ହୋଇଥାଏ । ଉଦାହରଣ ସ୍ୱରୂପ ହ. ଇବ୍ରାହିମ୍ ଅ.ସଙ୍କ ନିଜର ପୁତ୍ରକୁ ଏହା କହିବା ଯେ, ପୁତ୍ର ତୁମେ ଘରର ଏରୁଣ୍ଡି ବନ୍ଧକୁ ପରିବର୍ତ୍ତନ କରିଦିଅ ଅବା ଆଁହଜରତ ସ.ଅଙ୍କର ସ୍ୱପ୍ନରେ ସ୍ୱର୍ଣ୍ଣ କଙ୍କଣ ଦେଖିବା ଇତ୍ୟାଦି ପ୍ରସଙ୍ଗ ପ୍ରକାଶ୍ୟଗତ ଅର୍ଥ ନଥିଲା । ବରଂ ଇସ୍ତିଆରା ଅର୍ଥାତ ରୂପକ ଓ ଭୌତିକତା ରୂପେ ଥିଲା । ସେହି ବାକ୍ୟମାନଙ୍କରେ ଆଉ ଏକ ସତ୍ୟତା

ନିହିତ ରହିଥିଲା ।

ହ ମସିହ୍ ମଉଦ୍ ଅ.ସ କୁହନ୍ତି, କହିବାର ତାତ୍ପର୍ଯ୍ୟ ଏହା ହିଁ ଥିଲା ଯେ, ହ. ଅବୁ ବକର ର.ଅଙ୍କୁ ପବିତ୍ର କୁରଆନ୍‌ର ଜ୍ଞାନ ସର୍ବାଧିକ ରୂପେ ପ୍ରଦାନ କରାଯାଇଥିଲା । ତେଣୁ ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କ କଥାକୁ ସାବ୍ୟସ୍ତ କରି ଦେଖାଇ ଦେଇଥିଲେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମୋର ଏହି ଧର୍ମମତ ରହିଛି ଯେ, ପ୍ରକାଶ୍ୟ ରୂପେ ଯଦି ଉକ୍ତ ଅର୍ଥଟି ବିପରୀତ ମଧ୍ୟ ହୁଏ ତେବେ ମଧ୍ୟ ଧର୍ମପରାୟଣତା ଓ ନ୍ୟାୟପରାୟଣତା ଏହା ଆଶା କରୁଥିଲା ଯେ, ଲୋକମାନେ ହ. ଅବୁ ବକର ର.ଅଙ୍କର କଥା ମାନନ୍ତେ ଓ ତାହାଙ୍କ ଆଜ୍ଞା ପାଳନ କରନ୍ତେ । କିନ୍ତୁ ଏଠାରେ ଶବ୍ଦଟିଏ ମଧ୍ୟ ପବିତ୍ର କୁରଆନ୍‌ରେ ଏପରି ବର୍ଣ୍ଣିତ ହୋଇ ନାହିଁ ଯାହା ହ. ଅବୁ ବକର ର.ଅଙ୍କ ଅର୍ଥର ବିପରୀତ ହୋଇଥିବ । ଆପଣ ଅ.ସ କୁହନ୍ତି ଯେ, ମୌଲବୀମାନଙ୍କୁ ପଚାର ଯେ, ହ. ଅବୁ ବକର ର.ଅ ଜଣେ ବିଜ୍ଞ ଏବଂ ବୁଦ୍ଧିମାନ ଓ ବିଚକ୍ଷଣ ବ୍ୟକ୍ତି ଥିଲେ ଅବା ନୁହେଁ ? କ'ଣ ହ. ଅବୁ ବକର ର.ଅ ଜଣେ ସତ୍ୟବାଦୀ ବ୍ୟକ୍ତି ନଥିଲେ ? କ'ଣ ହ. ଅବୁ ବକର ର.ଅ ସେହି ବ୍ୟକ୍ତି ନୁହନ୍ତି ଯେକି ଆହଜରତ ସ.ଅଙ୍କ ପ୍ରଥମ ଖଲିଫା (ଉତ୍ତରାଧିକାରୀ) ହୋଇଥିଲେ, ସେ ଇସଲାମ୍ ଧର୍ମର ଖୁବ୍ ସେବା କଲେ ଏବଂ ମହା ବିଧର୍ମୀତା ସମୟରେ ସେହି ଉପଦ୍ରବକୁ ଦୂରୀଭୂତ ଓ ପ୍ରତିହତ ମଧ୍ୟ କରି ଦେଇଥିଲେ ? ପୁନଶ୍ଚ ତୁମେମାନେ ଧର୍ମପରାୟଣ ହୋଇ କୁହ ଯେ, ସେ କ'ଣ **ଓମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ୍** ପାଠ କରି ନଥିଲେ । ଅତଃ ତହିଁରୁ ଏହା ସଂପୂର୍ଣ୍ଣ ପ୍ରମାଣ କରିବାର ଥିଲା ଅବା ନିକୃଷ୍ଟ ପ୍ରମାଣିତ ହୁଏ ଯେ, ଜଣେ ଛୋଟପିଲା ମଧ୍ୟ ଏହା କହିପାରିବ ଯେ, ହ. ଇସା ଅ.ସଙ୍କୁ ମୃତ ବୋଲି ସ୍ୱୀକାର କରୁଥିବା ବ୍ୟକ୍ତି ଅବିଶ୍ୱାସାକାରୀ ଅଟେ । **(ମଲଫୁଜାତରୁ ଆହୃତ, ଭାଗ-1, ପୃ-441-42, ସଂସ୍କରଣ-1984 ମସିହା)**

ଅର୍ଥାତ ଉପରୋକ୍ତ ଆୟତ୍‌କୁ ସଂପୂର୍ଣ୍ଣ ପଢିବାର ଅର୍ଥା ଏହା ଥିଲା ଯେ, ବଳିଷ୍ଠ ଏବଂ ସ୍ପଷ୍ଟ ପ୍ରମାଣ ଦିଆଯାଉ ନା କି ନିକୃଷ୍ଟ ପ୍ରମାଣ । ଅର୍ଥାତ ଉକ୍ତ ଆୟତ୍ ପଢିବାର ଏହି ଯଥାର୍ଥତା ଥିଲା ଯେ, ହ. ଇସା ଅ.ସଙ୍କ ମୃତ୍ୟୁ ବରଣ କରିବା ସଂପର୍କରେ ଏହା ଏକ ଅକାଟ୍ୟ ଏବଂ ବଳିଷ୍ଠ ପ୍ରମାଣ ଯାହାକୁ ଆପଣ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ହ. ମସିହ୍ ମଉଦ୍ ଅ.ସ ଉକ୍ତେ କଥାର ସ୍ପଷ୍ଟୀକରଣ ଦେଇ କୁହନ୍ତି ଯେ, **ଅଲ୍ ୟୌମା ଅକ୍‌ମଲ୍‌ତୁ ଲକୁମ୍ ଦିନୁକୁମ୍** ଆୟତ୍‌ର ଦୁଇଟି ପକ୍ଷ ରହିଛି । **୧-** ଅଲ୍ଲାଃତାଲା ତୁମମାନଙ୍କୁ ପବିତ୍ର କରିଦେଲେ, **୨-** ତୁମର ଧର୍ମପୁସ୍ତକକୁ ସଂପୂର୍ଣ୍ଣ କରିଦେଲେ । ଆପଣ ଅ.ସ କୁହନ୍ତି, ଯେତେବେଳେ ଉପରୋକ୍ତ ଆୟତ ଅବତୀର୍ଣ୍ଣ ହେଲା ସେତେବେଳେ ହ. ଅବୁ ବକର ର.ଅ କାନ୍ଦି ପକାଇଲେ । କେହି ଜଣେ କହିଲା, ଓ ବୁଢା କାହିଁକି କାନ୍ଦୁଛ? ଆପଣ ଅ.ସ ଉତ୍ତର ଦେଲେ ଯେ, ଉକ୍ତ ଆୟତ୍‌ରୁ ଆଁହଜରତ ସ.ଙ୍କ ବିୟୋଗର ଦୁର୍ଗନ୍ଧ ଆସୁଛି । ଅର୍ଥାତ ଆପଣ ସ.ଅଙ୍କ ବିୟୋଗର ଆଭାସ ହେଉଛି । କାରଣ ଏହା ଏକ ନୀତି ନିର୍ଦ୍ଧାରିତ ଓ ନିର୍ଘଣ୍ଟମୂଳକ କଥା ଯେ, ଯେତେବେଳେ ନବୀ ନିଜର କାର୍ଯ୍ୟ ସମ୍ପନ୍ନ କରିଦିଏ ଏବଂ ଯେତେବେଳେ ଧର୍ମ ପୂର୍ଣ୍ଣତା ପ୍ରାପ୍ତ କରେ ସେତେବେଳେ ଅବତାରମାନେ ଇହ ଜଗତରୁ ବିଦାୟ ନିଅନ୍ତି। ଯେପରି ସଂସାର ଜଗତରେ ଜମି ବନ୍ଦୋବସ୍ତ ପ୍ରଥା ରହିଛି । ଅର୍ଥାତ ଯେତେବେଳେ ଜମି ବନ୍ଦୋବସ୍ତକାରୀଙ୍କ କାର୍ଯ୍ୟ ସମାପ୍ତ ହୋଇଯାଏ ସେତେବେଳେ ଅମଲାମାନେ ସେଠାରୁ ବିଦାୟ ନିଅନ୍ତି । ଅର୍ଥାତ ଉକ୍ତ ଆୟତ୍‌ରେ ନବୀଙ୍କ ମୃତ୍ୟୁ ସଂପର୍କରେ ସୂଚନା ରହିଛି । ଆଁହଜରତ ସ.ଅ ଯେତେବେଳେ ହ. ଅବୁ ବକର ର.ଅଙ୍କ ସଂପର୍କିତ ପ୍ରସଙ୍ଗ ଶୁଣିଲେ ସେତେବେଳେ କହିଲେ, ଲୋକମାନଙ୍କ ମଧ୍ୟରେ ସର୍ବାଧିକ ବିଜ୍ଞ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର ର.ଅ ପୁନଶ୍ଚ କହିଲେ, ମୁଁ ଯଦି ସଂସାରରେ କୌଣସି ବ୍ୟକ୍ତିକୁ ନିଜର ବନ୍ଧୁ କରିଥାଆନ୍ତି ତେବେ ହ. ଅବୁ ବକର ର.ଅଙ୍କୁ ହିଁ ମୋର ବନ୍ଧୁ କରିଥାଆନ୍ତି । ପୁନଶ୍ଚ ଆଁହଜରତ ସ.ଅ କହିଲେ; ଅବୁ ବକରଙ୍କ ଝରକା ବ୍ୟତୀତ ଏହି ମସ୍‌ଜିଦ୍ ଆଡ଼କୁ ଖୋଲୁଥିବା ଅନ୍ୟ ସମସ୍ତ ଝରକାଗୁଡ଼ିକୁ ବନ୍ଦ କରିଦିଆଯାଉ । ତହିଁରେ କ'ଣ ପ୍ରାସଙ୍ଗିକତା ରହିଛି ? ଆପଣ କହିଲେ ମନେରଖ ! ମସ୍‌ଜିଦ୍ ହେଉଛି ଈଶ୍ୱରାଳୟ ଏବଂ ଏହା ସମସ୍ତ ସତ୍ୟତା ଏବଂ ମାରିଫତ୍ (ବ୍ରହ୍ମଜ୍ଞାନ)ର ନିର୍ଝର । ତେଣୁ ହୁଜୁର ସ.ଅ କହିଲେ ହ. ଅବୁ ବକର ର.ଅଙ୍କ ଆଭ୍ୟନ୍ତରୀଣ ଝରକା ସେହି ଆଡ଼କୁ ରହିଛି ତେଣୁ ସେହି ଝରକାଟିକୁ ଖୋଲା ରଖାଯାଉ । ତହିଁରୁ ଏହା ଭାବିବା ଯେ, **ନାଉଜୁ ବିଲ୍ଲାଃ** ଅନ୍ୟ ସାହାବାମାନେ ଆଁହଜରତ ସ.ଅଙ୍କ ସେହି ଦୟା, କୃପା, ସଂସ୍କାରମୂଳକ ସତ୍ୟତା ଏବଂ ବାସ୍ତବତା ଠାରୁ ବଞ୍ଚିତ ରହିଥିଲେ । ତେଣୁ ଏପରି କହିବା ଆଦୌ ସମୀଚୀନ ନୁହେଁ । ସେମାନଙ୍କ ଠାରେ ମଧ୍ୟ ଏହିସବୁ ଗୁଣାବଳୀଗୁଡ଼ିକ ବିଦ୍ୟମାନ ରହିଥିଲା ଏବଂ ସେମାନେ ମଧ୍ୟ ବୁଦ୍ଧିଜ୍ଞାନ ଓ ବିଚାର ସମ୍ପନ୍ନ ବ୍ୟକ୍ତି ଥିଲେ । କିନ୍ତୁ ହ. ଅବୁ ବକର ର.ଅ ଅପେକ୍ଷାକୃତ ଅନ୍ୟ ସାହାବାମାନଙ୍କ ତୁଳନାରେ ଅଧିକ ବୁଦ୍ଧିମାନ, ଚତୁର ତଥା ବିଚକ୍ଷଣ ବ୍ୟକ୍ତି ଥିଲେ । ସୁତରାଂ ହ. ଅବୁ ବକର ର.ଅଙ୍କ ଠାରେ ବ୍ୟକ୍ତିଗତ ବୌଦ୍ଧିକତା ରହିଥିଲା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟ ନିଜର ପ୍ରଭାବ ପକାଇଥିଲା ଏବଂ ଶେଷ ପର୍ଯ୍ୟାୟରେ ମଧ୍ୟ ତାହା ନିଜର ପ୍ରଭାବ ଦେଖାଇଥିଲା। ଯେପରି ହ. ଅବୁ ବକର ର.ଅ **"ମଜୁଅତୁଲ୍ ଫିରାସତୈନ୍ ଥିଲେ"**। ଅତଃ ହ. ଅବୁ ବକର ର.ଅ ଦ୍ୱିପାକ୍ଷିକ ଭାବରେ ସର୍ବାଧିକ ବୌଦ୍ଧିକ ଏବଂ ସଂସ୍କାର ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ସତ୍ୟବାଦୀ ହ. ଅବୁ ବକର ର.ଅ ଜଣେ ଅଭିଜ୍ଞ ଏବଂ ବୌଦ୍ଧିକ ସମ୍ପନ୍ନ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ । ସେ ଅନେକ କଠିନ ପ୍ରସଙ୍ଗ ଓ ତାହାର କ୍ଲିଷ୍ଟତାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ । ସେହିପରି ସେ ଅନେକ ଯୁଦ୍ଧରେ ସାମିଲ୍ ହୋଇ ସାହାବାମାନଙ୍କର ଯୁଦ୍ଧଭିତ୍ତିକ ଯୋଜନାର ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ସେ ଅନେକ ମରୁଭୂମି ଏବଂ ଗୁମ୍ଫାମାନ ଜୟ କରିଥିଲେ । ଅନେକ ବିପଦଶଙ୍କୁଳ ସ୍ଥାନରେ ନିର୍ଭୀକ ଭାବରେ ପ୍ରବେଶ କରିଥିଲେ, ଅନେକ ଅଙ୍କାବଙ୍କା ପଥକୁ ସେ ସଳଖ କରିଥିଲେ (ଅର୍ଥାତ ସମାଧାନ କିରଥିଲେ), ଅନେକ ଯୁଦ୍ଧରେ ସୈନ୍ୟବାହିନୀ ସହିତ ସେ ସ୍ୱୟଂ ଅଗ୍ରସର ହୋଇଥିଲେ, ଅନେକ ଉପଦ୍ରବ ଓ ଉପଦ୍ରବକାରୀଙ୍କର ସେ ମୂଳୋତ୍ପାଟନ କରିଥିଲେ । ଏହିପରି ଭାବରେ ସେ ଘାତ ପ୍ରତିଘାତ ଦେଇ ଅନେକ କଣ୍ଟକିତ ପଥରେ

ଅଗ୍ରସର ହୋଇ ଜଣେ ବୌଦ୍ଧିକ ସମ୍ପନ୍ନ, ବିଚାର ସମ୍ପନ୍ନ ଓ ଜଣେ ବିଚକ୍ଷଣ ତଥା ଚତୁର ବ୍ୟକ୍ତିରେ ପରିଣତ ହୋଇଥିଲେ । ଆପଣ ର.ଅ ବିପତ୍ତ ସମୟରେ ଧୈର୍ଯ୍ୟ ଓ ସାହାସ ପ୍ରଦର୍ଶନ କରୁଥିଲେ ଏବଂ ଜଣେ କଠୋର ଶ୍ରମଯୋଗୀ ବ୍ୟକ୍ତି ଥିଲେ । ଅତଏବ ଅଲ୍ଲାଃତାଲା ଆପଣ ର.ଅଙ୍କୁ ନିଜ ଆୟତ୍ତର ଚରିତାର୍ଥ କରିବା ସକାଶେ ହୁଜୁର ସ.ଅଙ୍କ ସାହଚର୍ଯ୍ୟତା ପାଇଁ ମନୋନୀତ କଲେ ଏବଂ ଆପଣ ର.ଅଙ୍କ ଅବିଚଳତା ଯୋଗୁଁ ହିଁ ଆପଣ ର.ଅଙ୍କ ପ୍ରଶଂସା କଲେ ।

ଏହା ସେହି କଥା ଆଡ଼କୁ ଇଙ୍ଗିତ ଥିଲା ଯେ, ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କ ସମସ୍ତ ପ୍ରିୟତମ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଆପଣ ର.ଅ ସ୍ୱାଧୀନ ସ୍ୱଭାବର ବ୍ୟକ୍ତି ଥିଲେ ଏବଂ ବିଶ୍ୱସ୍ତତା ଆପଣ ର.ଅଙ୍କ ଘୁଟୀରେ (ଶିରା ପ୍ରଶିରାରେ) ରହିଥିଲା । ସେହି କାରଣରୁ ଆପଣ ର.ଅଙ୍କୁ ବିପଦଜନକ, ସମସ୍ୟା ବହୁଳ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏବଂ ଅତି ସଙ୍କଟାପନ୍ନ ପରିସ୍ଥିତିର ସମାଧାନ ନିମନ୍ତେ ମନୋନୀତ କରାଯାଇଥିଲା । ଅଲ୍ଲାଃତାଲା ସର୍ବଜ୍ଞ ଏବଂ ତତ୍ତ୍ୱଜ୍ଞ ଅଟନ୍ତି । ସେ ନିଜର ସମସ୍ତ ପ୍ରସଙ୍ଗକୁ ତାହାର ଉପଯୁକ୍ତ ସ୍ଥାନ ଓ କାଳ ପାତ୍ର ଅନୁଯାୟୀ ନିର୍ଦ୍ଧାରଣ କରନ୍ତି । ତେଣୁ ସେ ଇବ୍‌ନେ ଅବି କାହାଫା ଉପରେ ବିଶେଷ ଧ୍ୟାନ ନିକ୍ଷେପ କଲେ ଏବଂ ତାହାଙ୍କୁ ଏକାକୀ ରୋଜଗାରକ୍ଷମ ବ୍ୟକ୍ତିରେ ପରିଣତ କରିଦେଲେ । ହ. ଅବୁ ବକର ର.ଅ କଥା କୁହାଳୀଙ୍କ ମଧ୍ୟରେ ସର୍ବାଧିକ ସତ୍ୟବାଦୀ ବ୍ୟକ୍ତି ଥିଲେ । ଅର୍ଥାତ ଅଲ୍ଲାଃତାଲା ଯେପରି କହିଲେ, ହ. ଅବୁ ବକର ର.ଅ କଥା କୁହାଳୀଙ୍କ ମଧ୍ୟରେ ସର୍ବାଧିକ ସତ୍ୟବାଦୀ ଅଟନ୍ତି । **"ଇଲ୍ଲା ତନସୁରୁହୁ ଫକଦ୍ ନସରହୁଲ୍ଲାଃହୁ ଇଜ୍ ଅଖରଜହୁଲ୍ ଲଜିନା କଫରୁ ସାନିୟସ୍ ନୈନି ଇଜ୍ ହୁମା ଫିଲ୍ ଗାରି ଇଜ୍ ୟକୁଲୁ ଲିସାହିବିହି ଲା ତହଜନ୍ ଇନ୍ନଲ୍ଲାଃହା ମାଆନା ଫଅନଜଲଲ୍ଲାଃହୁ ସକିନତହୁ ଅଲୈହି ୱ ଅୟେଦହୁ ବିଜନୁଦିନ୍ ଲମ୍ ତରୌହା ୱ ଜାଆଲ କଲିମତଲ୍ ଲଜିନା କଫରୁସ୍ ସୁଫଲା ୱ କଲିମତୁଲ୍ଲାଃହି ହିୟଲ୍ ଉଲିୟା ୱଲ୍ଲାହୁ ଅଜିଜୁନ୍ ହକିମ୍ । (ସୁରାହ୍ ତୌବା-40)"** ଅର୍ଥାତ ଯଦି ତୁମେମାନେ ଏହି ରସୁଲଙ୍କୁ ସାହାଯ୍ୟ ନକର ତେବେ ମନେରଖ ! ଯେ, ଅଲ୍ଲାଃତାଲା ତାହାଙ୍କୁ ସେହି ସମୟରେ ମଧ୍ୟ ଅବଶ୍ୟ ସାହାଯ୍ୟ କରିଛନ୍ତି ଯେତେବେଳେ କି ଅବିଶ୍ୱାସକାରୀମାନେ ସେ ଦୁହିଁଙ୍କ ମଧ୍ୟରୁ ଜଣକୁ ବିତାଡ଼ିତ କରିଥିଲେ । ଯେତେବେଳେ ସେ ଦୁହେଁ ଗୁମ୍ଫାରେ ଥିଲେ ଏବଂ ସେତେବେଳେ ସେ ତାହାଙ୍କ ସହଚର (ଅବୁ ବକର)ଙ୍କୁ କହିଥିଲେ, ଅତୀତର କୌଣସି ତ୍ରୁଟି ପାଇଁ ଦୁଃଖ କର ନାହିଁ । ଅଲ୍ଲାଃ ନିଶ୍ଚୟ ଆମମାନଙ୍କ ସହିତ ଅଛନ୍ତି । ସୁତରାଂ ଅଲ୍ଲାଃ ତାହାଙ୍କୁ ନିଜର ଶାନ୍ତି ପ୍ରଦାନ କରିଥିଲେ ଏବଂ ଏପରି ସୈନ୍ୟବାହିନୀ ଦ୍ୱାରା ତାହାଙ୍କୁ ସାହାଯ୍ୟ କରିଥିଲେ ଯେଉଁମାନଙ୍କୁ ତୁମେମାନେ ଦେଖିପାରୁ ନଥିଲ ଏବଂ ଯେଉଁମାନେ ଅବିଶ୍ୱାସ କରିଥିଲେ ସେମାନଙ୍କ ବଚନକୁ ନ୍ୟୁନ କରିଦେଲେ ଏବଂ ଅଲ୍ଲାଃଙ୍କର ବାଣୀ ହିଁ ଉର୍ଦ୍ଧ୍ୱରେ ରହେ ଏବଂ ଅଲ୍ଲାଃ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । **(ସିରରୁଲ୍ ଖିଲାଫର ଅନୁବାଦକ, ପୃ-60-62, ରୁହାନୀ ଖଜାଏନ୍ ଭାଗ-8, ପୃ-339)**

ହ. ଅବୁ ବକର ର.ଅଙ୍କୁ ସ୍ୱପ୍ନବିଦ୍ୟାର ଯାଥାର୍ଥ ଦର୍ଶାଇବାର ଜ୍ଞାନ ପ୍ରଦାନ କରାଯାଇଥିଲା । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ହ. ଅବୁ ବକର ର.ଅ ସ୍ୱପ୍ନବିଦ୍ୟାରେ ଜଣେ ପାରଙ୍ଗମ ବ୍ୟକ୍ତି ଥିଲେ । ଏପର୍ଯ୍ୟନ୍ତକି ଆପଣ ର.ଅ ହୁଜୁର ବିଶ୍ୱ ବ୍ରହ୍ମାଣ୍ଡ ଅଧିପତି ଆଁହଜରତ ସ.ଅଙ୍କ ପବିତ୍ର କାଳରେ ସ୍ୱପ୍ନର ଅର୍ଥ ଲୋକମାନଙ୍କୁ ବୁଝାଉଥିଲେ । ଇମାମ୍ ମୁହମ୍ମଦ୍ ବିନ୍ ସିରିଁ କୁହନ୍ତି, ରସୁଲୁଲ୍ଲାଃ ସ.ଅଙ୍କ ପରେ ସତ୍ୟବାଦୀ ହ. ଅବୁ ବକର ର.ଅ ଜଣେ ବରିଷ୍ଠ ସ୍ୱପ୍ନବିଦ୍ୟାର ପ୍ରବକ୍ତା ଥିଲେ । **(ହ. ଅବୁ ବକର ସିଦ୍ଦିକ୍, ଲେଖକ-ମୁହମ୍ମଦ ଇଲିୟାସ୍ ଆଦିଲ୍, ପୃ-174)**

ହ. ଅବୁକର ସିଦ୍ଦିକ୍ ର.ଅଙ୍କ ଦ୍ୱାରା ବର୍ଣ୍ଣିତ କେତେକ ସ୍ୱପ୍ନ ବିଦ୍ୟା ସଂପର୍କରେ ବର୍ଣ୍ଣନା କରାଯାଏ । ହ. ଇବ୍‌ନ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ୱହୋଦ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ଅବସରରେ ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ନିକଟକୁ ଆସିଲା ଓ କହିବାକୁ ଲାଗିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସ୍ୱପ୍ନରେ ଏକ ବାଦଲ ଦେଖିଛି ଯହିଁରୁ ଘିଅ ଓ ମହୁ ଝରୁଥିଲା । ମୁଁ ଦେଖିଲି ଯେ, ଲୋକମାନେ ସେହି ଘିଅ ଓ ମହୁକୁ ନିଜ ହାତରେ ଧରୁଛନ୍ତି । କିଏ ଅଧିକ ନେଉଥିଲା ତ' ଆଉ କେହି କମ ନେଉଥିଲା । ସେହିପରି ମୁଁ ଏହା ଦେଖିଲି ଯେ, ଆକାଶ ପର୍ଯ୍ୟ ଏକ ଦଉଡ଼ି ଲମ୍ବି ଯାଇଛି ଓ ମୁଁ ଆପଣ ସ.ଅଙ୍କୁ ଦେଖିଲି ଯେ, ଆପଣ ସେହି ଦଉଡ଼ିକୁ ଧରିଲେ ଓ ଉପରକୁ ଚାଲିଗଲେ । ଏହାପରେ ଆଉ ଜଣେ ବ୍ୟକ୍ତି ଉକ୍ତ ଦଉଡ଼ିକୁ ଧରିଲେ ଓ ସେ ମଧ୍ୟ ଉପରକୁ ଉଠିଗଲେ। ପୁନଶ୍ଚ ଆଉ ଜଣେ ବ୍ୟକ୍ତି ଆସିଲେ ଓ ସେ ମଧ୍ୟ ସେହି ଦଉଡ଼ି ମାଧ୍ୟମରେ ଉପରକୁ ଚଢିଗଲେ । ସେହିପରି ଆଉ ଜଣେ ବ୍ୟକ୍ତି ଆସିଲେ ଓ ସେ ମଧ୍ୟ ଦଉଡ଼ିକୁ ଧରି ଉପରକୁ ଯିବାକୁ ଚେଷ୍ଟା କଲେ କିନ୍ତୁ ତାହା ଛିଡ଼ିଗଲା । ଏହାପରେ ଦଉଡ଼ିକୁ ପୁନଃ ଉକ୍ତ ବ୍ୟକ୍ତି ନିମନ୍ତେ ଯୋଡ଼ି ଦିଆଗଲା, ଫଳତଃ ସେ ଉକ୍ତ ଦଉଡ଼ି ମଧ୍ୟରେ ଉପରକୁ ଚଢିଗଲେ । ହ.ଅବୁ ବକର ର.ଅ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଉକ୍ତ ସ୍ୱପ୍ନର ଯଥାର୍ଥ ଦର୍ଶାଇବାକୁ ସୁଯୋଗ ଦିଅନ୍ତୁ । ଆପଣ ସ.ଅ ଯଦି ମୋତେ ସ୍ୱପ୍ନ ଅର୍ଥ ବାହାର କରିବାକୁ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ଉକ୍ତ ସ୍ୱପ୍ନର ଅର୍ଥ କରି ଦିଅନ୍ତେ । ଆପଣ ସ.ଅ କହିଲେ ଅବଶ୍ୟ କର । ହ. ଅବୁ ବକର ର.ଅ କହିଲେ ଛାୟୀ କରୁଥିବା ବାଦଲରୁ ଯଥାର୍ଥ ଇସ୍‌ଲାମ୍ ଧର୍ମ ଅଟେ ଓ ଆକାଶ ମଧ୍ୟରୁ ଯେଉଁ ଘିଅ ଓ ମହୁ ଝରୁଥିଲା ତହିଁରୁ ଯଥାର୍ଥ ପବିତ୍ର କୁର୍‌ଆନ୍ ଅଟେ । ତାହା ଏତେ ମିଠା ଯେ ଲୋକମାନେ ତହିଁ(କୁରଆନ)ରୁ ଉପକୃତ ହେଉଛନ୍ତି । ଅର୍ଥାତ ପବିତ୍ର କୁରଆନ କରୀମରୁ ଅଧିକ ଓ ସ୍ୱଳ୍ପ ଜ୍ଞାନ ଆହରଣ କରୁଥିବା ବ୍ୟକ୍ତିମାନେ ଆକାଶରୁ ସ୍ୱଳ୍ପାଧିକ ଘିଅ ଓ ମହୁ ସେବନ କରୁଛନ୍ତି । ଆକାଶ ପର୍ଯ୍ୟନ୍ତ ଯେଉଁ ଦଉଡ଼ିଟି ଲମ୍ବି ଯାଇଥିଲା ତହିଁରୁ ଯଥାର୍ଥ ହେଉଛି ସତ୍ୟ । ଯାହା ଉପରେ ଆପଣ ସ.ଅ ପ୍ରତିଷ୍ଠିତ ଅଟନ୍ତି । ଆପଣ ସ.ଅ ଉକ୍ତ ଦଉଡ଼ିଟିକୁ ଧରିଲେ ଓ ତାହା ମାଧ୍ୟମର ଉପରକୁ ଉଠି ଚାଲିଗଲେ । ଆପଣ ସ.ଅଙ୍କ ପଛେ ପଛେ ଚାରିଜଣ ବ୍ୟକ୍ତି ଗୋଟିଏ ପରେ ଗୋଟିଏ ଉକ୍ତ ଦଉଡ଼ି ସାହାଯ୍ୟରେ ଉପରକୁ ଚାଲିଗଲେ । ଆଁହଜରତ କହିଲେ ହେ ଅବୁ ବକର ! ତୁମେ କିଛି ଟା ସ୍ୱପ୍ନର ଅର୍ଥ ସଠିକ୍ କରିଛ ତ' ଆଉ କେତେକ ସ୍ୱପ୍ନର ଅର୍ଥ ଭୁଲ କରିଛ । ହ. ଅବୁ ବକର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଆପଣଙ୍କୁ ରାଣ ଦେଇ କହୁଛି ଯେ, ଆପଣ ମୋତେ ଅବଶ୍ୟ କୁହନ୍ତୁ ଯେ, ମୁଁ କେଉଁଟି ଠିକ୍ କହିଛି

ଓ କେଉଁଟି ମୁଁ ଭୁଲ କରିଛି । ଅର୍ଥାତ ସ୍ୱପ୍ନର ଅର୍ଥ କରିବାରେ ମୁଁ କେଉଁଟି ଠିକ୍ କରିଛି ଓ କେଉଁଠି ମୁଁ ଭୁଲ୍ କରିଛି । ଆଁହଜରତ ସ.ଅ କହିଲେ ଅବୁ ବକର ! ମୋତେ ରାଣ ଦିଅ ନାହିଁ। **(ସୁନନ୍ ଇବ୍‌ନେ ମାଜା, କିତାବ ତାବିରୁର୍ ରୋୟା, ହଦିସ୍ ନଂ-3918)**

ଅର୍ଥାତ ଆଁହଜରତ ସ.ଅ ଏହା ଚାହୁଁ ନଥିଲେ ଯେ, ସ୍ୱପ୍ନର ସଠିକ୍ ଅର୍ଥ ସେହି ସ୍ଥଳରେ ସ୍ପଷ୍ଟ ରୂପେ କହି ଦିଆଯାଉ । ତେଣୁ ଆପଣ ସ.ଅ କହିଲେ, ହେ ଅବୁ ବକର ! ମୋତେ ରାଣ ଦିଅ ନାହିଁ । ତୁମେ ଯେତିକି ସ୍ୱପ୍ନର ଅର୍ଥ କରିଛି ସେତିକି ଠିକ୍ ଅଟେ ଓ ସେତିକି ସ୍ୱପ୍ନର ଅର୍ଥ ଲୋକମାନଙ୍କ ପାଇଁ ଯଥେଷ୍ଟ ଅଟେ ।

ଇବ୍‌ନେ ଶିହାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏକ ସ୍ୱପ୍ନ ଦେଖିଲେ । ଉକ୍ତ ସ୍ୱପ୍ନକୁ ଆପଣ ସ.ଅ ହ. ଅବୁ ବକର ର.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରି ଆପଣ ସ.ଅ କହିଲେ ଯେ, ମୁଁ ସ୍ୱପ୍ନ ଦେଖିଛି ଯେ, ମୁଁ ଓ ତୁମେ ଗୋଟିଏ ପାହାଚ ଉପରେ ଚଢିଛୁ ଏବଂ ମୁଁ ତୁମ ଠାରୁ ଅଢେଇ ପାହାଚ ଆଗକୁ ବଢି ଯାଇଛି। ହ. ଅବୁ ବକର ର.ଅ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଭଲ ହେଲା ଆପଣ ମୋ ଠାରୁ ଅଢେଇ ପାହାଚ ଆଗରେ ଅଛନ୍ତି। ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେପର୍ଯ୍ୟନ୍ତ ଜୀବିତ ରଖନ୍ତୁ। ଅର୍ଥାତ ଆପଣ ସ.ଅ ସ୍ୱଚକ୍ଷୁରେ ସେହି ଜିନିଷ ଦେଖି ନିଅନ୍ତୁ ଯାହା ଆପଣ ସ.ଅଙ୍କୁ ଆନନ୍ଦିତ ଓ ଆହ୍ଲାଦିତ କରିବ ଓ ଆପଣ ସ.ଅଙ୍କ ଚକ୍ଷୁକୁ ଶୀତଳ ପ୍ରଦାନ କରିବ । ଆପଣ ର.ଅ ଆଁହଜରତ ସ.ଅଙ୍କ ସମ୍ମୁଖରେ ଏହିପରି ତିନି ଥର ଆବୃତ୍ତି କଲେ। ତୃତୀୟ ଥରରେ ଆଁହଜରତ ସ.ଅ କହିଲେ, ହେ ଅବୁ ବକର ! ମୁଁ ସ୍ୱପ୍ନ ଦେଖିଛି ଯେ, ଆମେ ଦୁହେଁ ଯେମିତି ପାହାଚ ଉପରେ ଚଢିଲୁ ସେମିତି ମୁଁ ଦେଖିଲି ଯେ, ମୁଁ ତୁମ ଠାରୁ ଅଢେଇ ପାଦ ପାହାଚ ଆଗକୁ ବଢି ଯାଇଛି । ହ. ଅବୁ ବକର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ନିଜର ଦୟା ଓ କୃପା ଆଡ଼କୁ ଆକର୍ଷିତ କରିନେବେ ଓ ମୁଁ ଆପଣ ସ.ଅଙ୍କ ପରେ ଅଢେଇ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବି । **(ଅତ୍‌ତବକାତୁଲ କୁବ୍ରା, ଭାଗ-3, ପୃ-132, ଦାରୁଲ୍ କିତାବୁଲ୍ ଇଲମିୟା ବୈରୁତ୍ 2012 ମସିହା)**

ଉକ୍ତ ସ୍ୱପ୍ନର ବ୍ୟାଖ୍ୟା ହ. ଅବୁ ବକର ର.ଅ ଏହିପରି କଲେ। ଆଁହଜରତ ସ.ଅଙ୍କ ପବିତ୍ର ପତ୍ନୀ ହ. ଆଏଶା ସିଦ୍ଦିକା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜ ପ୍ରକୋଷ୍ଠରେ ତିନୋଟି ଚନ୍ଦ୍ର ଖସି ପଡୁଥିବାର ଅବଲୋକନ କଲି । ଅତଏବ ଉକ୍ତ ସ୍ୱପ୍ନ ସଂପର୍କରେ ମୁଁ ନିଜର ପିତାଶ୍ରୀ ହ. ଅବୁ ବକର ର.ଅଙ୍କ ସମ୍ମୁଖରେ ବର୍ଣ୍ଣନା କଲି । ଆଁହଜରତ ସ.ଅଙ୍କର ଯେତେବେଳେ ଅକାଳ ବିୟୋଗ ହେଲା ଓ ଆପଣ ସ.ଅଙ୍କୁ ହ. ଆଏଶା ର.ଅଙ୍କ ପ୍ରକୋଷ୍ଠରେ କବର ଦିଆଗଲା ସେତେବେଳେ ହ. ଅବୁ ବକର ର.ଅ ଆପଣ ର.ଅ (ହ. ଆଏଶା ର.ଅଙ୍କୁ) କହିଲେ, ହେ ଆଏଶ ତୁମେ ଯେଉଁ ସ୍ୱପ୍ନ ଦେଖିଥିଲ ଯେ, ତୁମ ପ୍ରକୋଷ୍ଠ ବା କୋଠରୀ ମଧ୍ୟକୁ ତିନୋଟି ଚନ୍ଦ୍ର ଖସି ପଡୁଛନ୍ତି । ସେହି ତିନୋଟି ଖସି ପଡ଼ିଥିବା ଚନ୍ଦ୍ର ମଧ୍ୟରୁ ଗୋଟିଏ ଚନ୍ଦ୍ର ତୁମ କୋଠରରୀ ଖସି ପଡିଛି ଏବଂ ସେ ହେଉଛନ୍ତି ଆଁହଜରତ ସ.ଅ । ଏହି ଚନ୍ଦ୍ର ଅର୍ଥାତ ଆଁହଜରତ ସ.ଅ ସମସ୍ତ ଚନ୍ଦ୍ର ମଧ୍ୟରୁ ସର୍ବୋତ୍କୃଷ୍ଟ ଚନ୍ଦ୍ର ଅଟନ୍ତି । **(ମୋତା କିତାବୁଲ୍ ଯନାଏଜ୍, ବାବୁ ମା ଯାଆ ଫି ଦଫନିଲ୍ ମୈୟିତି, ହଦିସ୍ ନଂ-546, ଦାରୁଲ୍ ଫିକର, ବୈରୁତ୍ 2002 ମସିହା)**

ହ. ଅବ୍‌ଦୁର୍ ରହେମାନ ବିନ୍ ଅବି ଲୈଲା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ମୁଁ ଦେଖିଲି ଯେ, କଳା ଛେଳୀମାନଙ୍କର ଏକ ଗୋଷ୍ଠୀ ମୋ ପଛେ ପଛେ ଆସୁଛି ଏବଂ ସେମାନଙ୍କ ପଛେପଛେ ମାଟିଆ ତଥା ଧୂଷର ରଙ୍ଗର ଛେଳୀମାନଙ୍କର ଗୋଷ୍ଠୀ ରହିଛି । ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ କହିଲେ ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ! ଆରବବାସୀ ଆପଣଙ୍କର ଅନୁକରଣ କରିବେ ଏବଂ ଅଣଆରବୀୟମାନେ ମଧ୍ୟ ଆପଣ ସ.ଅଙ୍କୁ ଅନୁକରଣ କରିବେ। ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଦେବଦୂତମାନେ ମଧ୍ୟ ସ୍ୱପ୍ନର ଏହି ଅର୍ଥ ପ୍ରକାଶ କରିଛନ୍ତି । ହୁଜୁର ଅନୱର୍ ଅ.ବ କହିଲେ ଏହା ତ' ସ୍ୱପ୍ନ ଚର୍ଚ୍ଚା ଥିଲା । **(ଲେଖକ ଇବ୍‌ନେ ଅବି ଶୈବା, ଭାଗ-10, ପୃ-125, କିତାବୁଲ୍ ଇମାନ୍ ୱର୍ ରୋୟା, ହଦିସ୍ ନଂ-31101, ଅଲ୍‌ଫାରୁକ୍ ଲିଲ୍ ହଦିସିୟାହ୍ 2008 ମସିହା)**

ବର୍ତ୍ତମାନ ମୁଁ ହ. ଅବୁ ବକର ର.ଅଙ୍କ ସଂପର୍କରେ ବର୍ଣ୍ଣନା କରିବି ଯେ, ପୁରୁଷମାନଙ୍କ ମଧ୍ୟରେ ସର୍ବ ପ୍ରଥମ ମୁସଲମାନ ବ୍ୟକ୍ତି କିଏ ଅଟନ୍ତି ? ଏସଂକ୍ରାନ୍ତରେ ଏହା ହିଁ କୁହାଯାଏ ଯେ, ସର୍ବ ପ୍ରଥମ ମୁସଲମାନ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର ର.ଅ । ହ. ଅମ୍ମାର ବିନ୍ ୟାସିର୍ କହୁଥିଲେ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ପ୍ରାରମ୍ଭିକ ସମୟରେ ଏଭଳି ଅବସ୍ଥାରେ ଦେଖିଲି ଯେ, ଆପଣ ସ.ଅଙ୍କ ସହିତ କେବଳ ପାଞ୍ଚଟି ଦାସ ଏବଂ ଦୁଇ ଜଣ ମହିଳା ଓ ହ. ଅବୁ ବକର ର.ଅ ଥିଲେ । **(ସହି ବୁଖାରୀ, କିତାବୁଲ୍ ଫଜାଏଲ୍ ଅସ୍‌ହାବୁନ୍ ନବୀ ସ.ଅ, ବାବୁ କୌଲୁନ୍ ନବୀ ସ.ଅ, ଲୌ କୁନ୍ତୁ ମୁତଖିଜନ୍ ଖଲିଲନ୍, ହଦିସ୍ ନଂ-3660)**

ହ. ମୀର୍ଜା ବଶୀରୁଦ୍ଦୀନ୍ ସାହେବ ନିଜର ପୁସ୍ତକ ସିରତ୍ ଖାତମୁନ୍ ନବୀୟିନର ବିସ୍ତୃତ ଟୀକା ଉଲ୍ଲେଖ କରିଛନ୍ତି । ଯହିଁରେ ସେ ଏହି ବିତର୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ସର୍ବ ପ୍ରଥମ ନବୀ କରୀମ୍ ସ.ଅଙ୍କ ଉପରେ କିଏ ବିଶ୍ୱାସ ଆଣିଥିଲା ? ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ ନିଜ ମିଶନର ପ୍ରଚାର ଆରମ୍ଭ କଲେ ସେତେବେଳେ ସର୍ବପ୍ରଥମ ବିଶ୍ୱାସ ଆଣିଥିବା ମହିଳା ହେଉଛନ୍ତି ହ. ଖଦିଜା ର.ଅ ଯିଏ ବିଶ୍ୱାସ ଆଣିବାକୁ ମୁହୂର୍ତ୍ତକ ପାଇଁ ମଧ୍ୟ ଦ୍ୱନ୍ଦ୍ୱ ଓ ଟାଳଟୁଳ ତଥା ପଶ୍ଚାତପଦ ହେଲେ ନାହିଁ । ହ. ଖଦିଜା ର.ଅଙ୍କ ପରେ ପୁରୁଷମାନଙ୍କ ମଧ୍ୟରେ ସର୍ବ ପ୍ରଥମ ବିଶ୍ୱାସକାରୀଙ୍କ ସଂପର୍କରେ ଇତିହାସବିତ୍‌ମାନଙ୍କ ମଧ୍ୟରେ ମତଭେଦ ରହିଛି । କେତେକ ଇତିହାସବିତ୍ ହ. ଅବୁ ବକର ଅବ୍‌ଦୁଲ୍ଲାଃ ବିନ୍ ଅବି କାହାଫାଙ୍କ ନାମ ନିଅନ୍ତି ତ' ଆଉ କେତେକ ହ. ଅଲୀ ର.ଅଙ୍କର । ଯାହାଙ୍କୁ ସେତେବେଳେ ୧୦ ବର୍ଷ ବୟସ ହୋଇଥିଲା ଏବଂ ଆଉ କେତେକ ଆଁହଜରତ ସ.ଅଙ୍କ ସ୍ୱାଧୀନ ପ୍ରାପ୍ତ ଦାସ ହ. ଜୈଦ୍ ବିନ୍ ହାରିସାଙ୍କ ନାମ ନିଅନ୍ତି । କିନ୍ତୁ ଆମ ନିକଟରେ ଏହି କଳହ ନିରର୍ଥକ ଓ ଭିତ୍ତିହୀନ ଅଟେ । ହ. ଅଲୀ ଓ ଜୈଦ୍ ବିନ୍ ହାରିସା ଆଁହଜରତ ସ.ଅଙ୍କ ଘରର ସଦସ୍ୟ ଥିଲେ ଏବଂ ଆଁହଜରତ ସ.ଅ ଦୁହିଁଙ୍କ ସହିତ ପିଲାମାନଙ୍କ ପରି ରହୁଥିଲେ । ଆଁହଜରତ ସ.ଅ କହିବାର ଥିଲା କି ନାହିଁ (ଅର୍ଥାତ ଆଁହଜରତ ସ.ଅ ନିଜକୁ ବାର୍ତ୍ତାବହ ରୂପେ ଯେତେବେଳେ ଘୋଷଣା କଲେ ସେତେବେଳେ ଉଭୟ ବାଳକ ଆପଣ ସ.ଅଙ୍କ ଉପରେ ବିଶ୍ୱାସ

ଆଣିଥିଲେ) ଆପଣ ଦୁହେଁ (ଅର୍ଥାତ ହ. ଅଲୀ ଓ ଜୈଦ୍ ବିନ୍ ହାରିସା ର.ଅ) ଆଁହଜରତ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଥିଲେ । (କହିବାର ତାତ୍ପର୍ଯ୍ୟ ଏହିକି ଯେ, ଆଁହଜରତ ସ.ଅ ନିଜକୁ ନିବୀ ରୂପେ ଘୋଷଣା କରି ନଥିଲେ କି ଦୁହିଁଙ୍କୁ ଆଁହଜରତ ସ.ଅଙ୍କ ଘୋଷଣା ଉପରେ ବହୁ ପୂର୍ବରୁ ହିଁ ବିଶ୍ୱାସ ଥିଲା । ଅର୍ଥାତ ଉଭୟ ହ. ଅଲୀ ଓ ହ. ଜୈଦ୍ ବିନ୍ ହାରିସା ର.ଅଙ୍କ ବୟସ ସାନ ଥିଲା ଏବଂ ସେମାନେ ଦୁହେଁ ଘରର ସଦସ୍ୟଙ୍କ ପରି ଥିଲେ ) ବରଂ ସେମାନଙ୍କ ପକ୍ଷରୁ କୌଣସି ବାଚିକ ସ୍ୱୀକାରୋକ୍ତିର ମଧ୍ୟ ଆବଶ୍ୟକତା ନଥିଲା । ସୁତରାଂ ମଝିରେ ସେମାନଙ୍କ ନାମ ଧରିବାର କୌଣସି ଆବଶ୍ୟକତା ନଥିଲା ଏବଂ ଆଉ ଯିଏ ବାକି ରହିଯାଇଥିଲେ ସେହି ସମସ୍ତଙ୍କ ମଧ୍ୟରୁ ହ. ଅବୁ ବକର ର.ଅ ସ୍ୱୀକୃତପୂର୍ବକ ଏବଂ ସର୍ବ ପ୍ରଥମ ବିଶ୍ୱାସ ଆଣିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି ।

ହ. ଅବୁ ବକର ର.ଅ ନିଜର ଶିଷ୍ଟତା ଓ ଦକ୍ଷତା ଯୋଗୁଁ କୁରୈଶ୍‌ମାନଙ୍କ ମଧ୍ୟରେ ସବୁଠୁ ସମ୍ମାନିତ ଏବଂ ମାନ୍ୟତା ପ୍ରାପ୍ତ ବ୍ୟକ୍ତି ଥିଲେ । ଇସ୍‌ଲାମ୍ ଧର୍ମରେ ତ' ତାଙ୍କୁ ଯେଉଁ ମର୍ଯ୍ୟାଦା ତଥା ଖ୍ୟାତି ପ୍ରାପ୍ତ ହୋଇଥିଲା ତାହା ଅନ୍ୟ କୌଣସି ସାହାବାଙ୍କୁ ପ୍ରାପ୍ତ ହୋଇ ନଥିଲା । ହ. ଅବୁ ବକର ର.ଅ ମୁହୂର୍ତ୍ତକ ପାଇଁ ମଧ୍ୟ ଆଁହଜରତ ସ.ଅଙ୍କ ଦାବିରେ ସନ୍ଦେହ ପ୍ରକାଶ କଲେ ନାହିଁ। ବରଂ ଶୁଣିବା ମାତ୍ରେ ତୁରନ୍ତ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଥିଲେ ଏବଂ ପୁନଶ୍ଚ ସେ ନିଜର ସମଗ୍ର ଧ୍ୟାନ ଏବଂ ଜୀବନ ଓ ଧନ ଆଁହଜରତ ସ.ଅଙ୍କ ଦ୍ୱାରା ଆଗତ ଧର୍ମ ସକାଶେ ଉତ୍ସର୍ଗ କରି ଦେଇଥିଲେ । ଆଁହଜରତ ସ.ଅ ନିଜ ସାହାବାମାନଙ୍କ ମଧ୍ୟରେ ହ. ଅବୁ ବକର ର.ଅଙ୍କୁ ସର୍ବାଧିକ ଭଲ ପାଉଥିଲେ ଏବଂ ନିଜ ବିୟୋଗ ପରେ ସେ ଆପଣ ସ.ଅଙ୍କ ପ୍ରଥମ ଖଲିଫା ହେଲେ। ନିଜର ଖିଲାଫତ୍ କାଳରେ ସେ ଅତୁଳ୍ୟ ଦକ୍ଷତାର ପରିଚୟ ଦେଇଥିଲେ । ହ. ଅବୁ ବକର ର.ଅଙ୍କ ସଂପର୍କରେ ୟୁରୋପର ବିଖ୍ୟାତ ପ୍ରାଚ୍ୟବିତ୍ ସ୍ପ୍ରିଙ୍ଗର ଉଲ୍ଲେଖ କରେ ଯେ, ହ. ଅବୁ ବକର ର.ଅ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ ପର୍ଯ୍ୟାୟରେ ହ. ମୁହମ୍ମଦ ସ.ଅଙ୍କ ଉପରେ ବିଶ୍ୱାସ ଆଣିବା ଏହି କଥାର ସବୁଠୁ ବଡ଼ ପ୍ରମାଣ ଯେ, ମୁହମ୍ମଦ୍ ସ.ଅଙ୍କୁ ଧୋକା ଲାଗୁ ପଛେ କିନ୍ତୁ ଧୋକା ଦେଲାବାଲା ବ୍ୟକ୍ତି କଦାପି ଆପଣ ସ.ଅ ନଥିଲେ । ବରଂ ସତ୍ୟ ହୃଦୟର ସହିତ ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କୁ ଈଶ୍ୱରଙ୍କର ବାର୍ତ୍ତାବହ ରୂପେ ସ୍ୱୀକାର କରିଥିଲେ । ସେହିପରି ସ୍ପ୍ରିଙ୍ଗରଙ୍କ ଏହି ରାଏ ସହିତ ସାର୍ ୱିଲିୟମ୍ ମିଓର୍ ମଧ୍ୟ ଏକମତ ଅଟେ ।

ହ. ଖଦିଜା, ହ. ଅବୁ ବକର, ହ. ଅଲୀ ଏବଂ ଜୈଦ୍ ବିନ୍ ହାରିସା ର.ଅଙ୍କ ପରେ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ୫ ଜଣ ବ୍ୟକ୍ତିବିଶେଷ ଥିଲେ ଯେଉଁମାନେ ହ. ଅବୁ ବକର ର.ଅଙ୍କ ତବ୍‌ଲିଗ୍ (ପ୍ରଚାର) ଫଳରେ ବିଶ୍ୱାସ ଆଣିଥିଲେ ଏବଂ ଏମାନେ ସମସ୍ତେ ଇସ୍‌ଲାମ୍ ଧର୍ମରେ ବରିଷ୍ଠ ଏବଂ ପ୍ରମୁଖ ଓ ତୁଙ୍ଗ ସାହାବାମାନଙ୍କ ମଧ୍ୟରେ ଗଣ୍ୟ ହେଉଥିଲେ । ସେହି ବରିଷ୍ଠ ତଥା ତୁଙ୍ଗ ସାହାବାମାନଙ୍କର ନାମ ହେଲା;୧- ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍, **୨-** ଅବ୍‌ଦୁର୍ ରହେମାନ୍ ବିନ୍ ଔଫ୍, **୩-** ସାଆଦ୍ ବିନ୍ ଅବି ୱକ୍କାସ୍, **୪-** ଜୁବୈର୍ ବିନ୍ ଅୱାମ୍, **୫-** ତଲ୍‌ହା ବିନ୍ ଉବୈଦୁଲ୍ଲାଃ, ଏହି ପାଞ୍ଚଜଣ ସାହାବା ଅଶ୍ରା ମୁବଶ୍ରାଙ୍କମ ମଧ୍ୟରୁ ଅନ୍ୟତମ ଅଟନ୍ତି । ଅର୍ଥାତ ସେହି ଦଶଜଣ ସାହାବାମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଯାହାଙ୍କୁ ଆଁହଜରତ ସ.ଅ ନିଜ ପବିତ୍ର ତୁଣ୍ଡରୁ ବିଶେଷ ରୂପେ ସ୍ୱର୍ଗପୁରର ଅଧିକାରୀ ରୂପେ ଶୁଭସମାଚାର ପ୍ରଦାନ କରିଥିଲେ ଏବଂ ଏହି ସାହାବାମାନେ ହିଁ ଆପଣ ସ.ଅଙ୍କ ଅତି ଘନିଷ୍ଠ ପରାମର୍ଶଦାତାଙ୍କ ମଧ୍ୟରେ ଅନ୍ୟତମ ଥିଲେ ।

ଏକ ଅବସରରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କଲେ ଯେ, ଜମାଅତ୍‌କୁ ଯେଉଁମାନେ ଆର୍ଥିକ ବଳିଦାନ ଦେଉଥିଲେ ସେମାନଙ୍କୁ ଆପଣ ର.ଅ (ଅର୍ଥାତ ମୁସ୍‌ଲେହ୍ ମଉଦ୍ ର.ଅ) ସେମାନଙ୍କୁ ଏହି ଘଟଣା ସହିତ ସଂଶ୍ଳିଷ୍ଟ କରନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ବିଶ୍ୱାସକାରୀ ଏଭଳି ଆହ୍ୱାନ (ଅର୍ଥାତ ଆର୍ଥିକ ବଳିଦାନର ଆହ୍ୱାନ) ଯୋଗୁଁ ବିଚଳିତ ହୋଇ ନଥାଏ ବରଂ ଆହୁରି ଆନନ୍ଦିତ ହୋଇଥାଏ ଏବଂ ଗର୍ବିତ ହୋଇଥାଏ ଯେ,ଏହିଭଳି ଆହ୍ୱାନ ମୋ ପର୍ଯ୍ୟନ୍ତ ସର୍ବ ପ୍ରଥମେ ପହଞ୍ଚିଲା। ସେ ଏଭଳି ଆହ୍ୱାନ ଯୋଗୁଁ ଭୟଭୀତ ହୋଇ ନଥାଏ ବରଂ ଏଥିପାଇଁ ଗର୍ବିତ ହୋଇଥାଏ ଓ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିଥାଏ ଏବଂ ସର୍ବାଧିକ ଭାବରେ ତାହାଙ୍କ ମାର୍ଗରେ ବଳିଦାନ ଦେଇଥାଏ ତଥା ସର୍ବାଧିକ ରୂପେ ସେ ଉଚ୍ଚ ସ୍ତର ପ୍ରାପ୍ତ କିରଥାଏ। କ'ଣ କେହି ବ୍ୟକ୍ତି ଏହା କହିପାରିବ ଯେ, ଯେଉଁ ବଳିଦାନ ହ. ଅବୁ ବକର ର.ଅ ଦେଇଛନ୍ତି ଅବା ଯେଉଁ ସେବାର ତାଙ୍କୁ ଅବସର ପ୍ରାପ୍ତ ହେଲା ତାହାର ସେ ଅଭିଳାଷୀ ଥିଲେ ଯେ, ତାଙ୍କୁ ହିଁ ସର୍ବ ପ୍ରଥମେ ସେହି ବଳିଦାନର ଅବସର ପ୍ରାପ୍ତ ହେଉ। ସେ କେବେ ଏହା ଭାବି ନଥିବେ ଏବଂ କେବେ ଇଚ୍ଛା ପ୍ରକାଶ ମଧ୍ୟ କରି ନଥିବେ ଯେ, ମୋତେ ଏହି ବଳିଦାଦାନ କରିବାକୁ କାହିଁକି ସୁଯୋଗ ପ୍ରାପ୍ତ ହେଲା । ସେ ଅତ୍ୟନ୍ତ ଆନନ୍ଦିତ ବା ପ୍ରସନ୍ନ ଚିତ୍ତର ସହିତ ନିଜକୁ ବିପଦରେ ପକାଇଥିଲେ ଏବଂ ଅଲ୍ଲାଃତାଲାଙ୍କ ମାର୍ଗରେ ଦୁଃଖ କଷ୍ଟ ସହ୍ୟ କଲେ । ଅତଏବ ଏହି କାରଣରୁ ସେ ସେହି ସ୍ତର ଓ ମର୍ଯ୍ୟାଦା ପ୍ରାପ୍ତ କଲେ ଯାହା ହ. ଉମର୍ ର.ଅ ମଧ୍ୟ ପ୍ରାପ୍ତ କରିପାରି ନଥିଲେ । କାରଣ ଯେଉଁ ବ୍ୟକ୍ତି ସର୍ବପ୍ରଥମେ ବିଶ୍ୱାସ ଆଣିଥାଏ ତାକୁ ହିଁ ସର୍ବ ପ୍ରଥମେ ବଳିଦାନ ଦେବାର ଅବସର ପ୍ରାପ୍ତ ହୋଇଥାଏ । କିନ୍ତୁ ବିପଦ ଓ ଭୟ ହ. ଉମର୍ ର.ଅଙ୍କ ବିଶ୍ୱାସ ଆଣିବା ସମୟରେ ମଧ୍ୟ ରହିଥିଲା । ଅର୍ଥାତ ସାହାବାମାନଙ୍କୁ ଦାରୁଣ ଓ ଅକଥନୀୟ ଦୁଃଖ କଷ୍ଟ, ଯନ୍ତ୍ରଣା ଆଦି ଦିଆଯାଉଥିଲା, ନମାଜ ପଢିବାକୁ ଦିଆଯାଉ ନଥିଲା ଏବଂ ସେମାନଙ୍କୁ ନିଜ ମାତୃଭୂମିରୁ ବାସନ୍ଦ କରିଦିଆ ଯାଉଥିଲା ଏବଂ ପ୍ରଥମ ପ୍ରବାସ ଜାରି ରହିଥିଲା । ଉନ୍ନତି ତଥା ବିକାଶ ଯୁଗ ତ' ସେହି ସାହାବାମାନଙ୍କ ବିଶ୍ୱାସ ଆଣିବାର ବହୁତ ସମୟ ପରେ ଆରମ୍ଭ ହୋଇଥିଲା । କିନ୍ତୁ ତଥାପି ହ. ଅବୁ ବକର ର.ଅଙ୍କୁ ଯେଉଁ ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ ବିଶ୍ୱାସ ଆଣିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ବଳିଦାନ କରିବାର ଅବସର ପ୍ରାପ୍ତ ହେବା ଯୋଗୁଁ ସମ୍ଭବପର ହୋଇ ପାରିଥିଲା । ହ. ଉମର୍ ର.ଅ ସେହି ବିଶ୍ୱାସ ଓ ବଳିଦାନର କିପରି ସମକକ୍ଷ ହୋଇପାରି ଥାଆନ୍ତେ ? ତେଣୁ ସେ ହ. ଅବୁ ବକର ର.ଅଙ୍କ ସହିତ ସମକକ୍ଷ ହୋଇପାରିଲେ ନାହିଁ । ଏହି କାରଣରୁ ଏକଦା ହ. ଅବୁ ବକର ଓ ହ. ଉମର ର.ଅଙ୍କ ମଧ୍ୟରେ ମତାନ୍ତର ଘଟିଲା। ଫଳତଃ ଆଁହଜରତ ସ.ଅ

କହିଲେ, ହେ ଉମର୍ ! ତୁମେ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରୁଥିଲ ସେତେବେଳେ ହ. ଅବୁ ବକର ର.ଅ ହିଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ ଏବଂ ତୁମେ ଯେତେବେଳେ ମୋର ଏବଂ ଇସ୍‌ଲାମ୍ ଧର୍ମର ବିରୋଧ କରୁଥିଲ ସେତେବେଳେ ହ. ଅବୁ ବକର ର.ଅ ହିଁ ମୋର ଏବଂ ଇସ୍‌ଲାମ୍ ଧର୍ମର ସାହାଯ୍ୟ ଓ ସମର୍ଥନ କରିଥିଲେ । ବର୍ତ୍ତମାନ ତୁମେ ତାଙ୍କୁ (ହ. ଅବୁ ବକରଙ୍କୁ) କାହିଁକି ଦୁଃଖ କଷ୍ଟ ଦେଉଅଛି? ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ହ. ଅବୁ ବକର ର.ଅ ସର୍ବ ପ୍ରଥମେ ବିଶ୍ୱାସ ଆଣିଥିଲେ ଏବଂ ସେ ହିଁ ସର୍ବପ୍ରଥମ ବଳିଦାନକାରୀ ବ୍ୟକ୍ତି ଅଟନ୍ତି। ତେଣୁ ଆଁହଜରତ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ଉମର ! ତୁମେ ତାଙ୍କୁ ଆଦୌ କଷ୍ଟ ଦିଅ ନାହିଁ । କିନ୍ତୁ ତହିଁରୁ ଏହା ଭାବିବା ଅନୁଚିତ ଯେ, ହ. ଉମର୍ ର.ଅ ବଳିଦାନ ଏବଂ ବିଶ୍ୱାସ ଆଣି ନଥିଲେ ? ନା, ବରଂ ସେ ମଧ୍ୟ ବିଶ୍ୱାସ ଏବଂ ବଳିଦାନ ଦେଇଥଲେ । କିନ୍ତୁ ସେ ହ. ଅବୁ ବକର ର.ଅଙ୍କ ପରି ବଳିଦାନ ଏବଂ ବିଶ୍ୱାସର ସମକକ୍ଷ ହୋଇପାରି ନଥିଲେ । ତେଣୁ ଏହିଭଳି ବିଶ୍ୱାସ ଓ ବଳିଦାନ ତଥା ଆଁହଜରତ ସ.ଅଙ୍କୁ ସାହାଯ୍ୟ କରିବା କ୍ଷେତ୍ରରେ ସେ ଅନ୍ୟମାନଙ୍କ ତୁଳନାରେ ସର୍ବାଗ୍ରେ ଥିଲେ ଓ ଗୌରବାନ୍ୱିତ ମଧ୍ୟ ହୋଇଥିଲେ । କ'ଣ କୌଣସି ବ୍ୟକ୍ତି ଏହା କହିପାରିବ କି ହ. ଅବୁ ବକର ର.ଅ ଏହା ଚାହୁଁଥିବେ ଯେ, ଏପରି ହୁଅନ୍ତା କି ମକ୍କା ବିଜୟ ବେଳେ ତାଙ୍କୁ ବିଶ୍ୱାସ ଆଣିବାର ସୁଯୋଗ ପ୍ରାପ୍ତ ହୋଇଥାଆନ୍ତା ? ନା ବରଂ ଯଦି ସାଂସାରିକ ସମ୍ରାଟ ପଦବୀ ମଧ୍ୟ ତାଙ୍କ ଆଗରେ ରଖି ଦିଆଯାଇ ଥାଆନ୍ତା ତେବେ ମଧ୍ୟ ହ. ଅବୁ ବକର ର.ଅ ତାହାକୁ ତୁଚ୍ଛ ଏବଂ ନଗଣ୍ୟ ବିବେଚିତ କରି ତାହାକୁ ଗ୍ରହଣ କରି ନଥାଆନ୍ତେ । ବରଂ ସେ ସେହି ମର୍ଯ୍ୟାଦା ବଦଳରେ ସାଂସାରିକ ସମ୍ରାଟତ୍ୱକୁ କୁଠାରଘାତ କରିବା ପାଇଁ ମଧ୍ୟ ପଶ୍ଚାତପଦ ହୋଇ ନଥାଆନ୍ତେ । ସୁତରାଂ ଏହା ସେହି ବଳିଦାନର ପରିଣାମ ଥିଲା ଏବଂ ଅଲ୍ଲାଃତାଲା ଏହିପରି ଭାବରେ ଜଣେ ପ୍ରକୃତ ବିଶ୍ୱାସକାରୀ ଓ ଭକ୍ତକୁ ସମ୍ମାନିତ କରିଥାଆନ୍ତି ।

କ୍ରମାନ୍ୱୟରେ ଦାସମାନଙ୍କୁ ମୁକ୍ତ କରିବା ସଂପର୍କରେ ଉଲ୍ଲେଖ ରହିଛି (ହ. ଅବୁ ବକର ର.ଅଙ୍କ ଦାସ ମୁକ୍ତ କରିବା ପ୍ରସଙ୍ଗରେ) ଯେ, ହ. ଉମର୍ ର.ଅ କହୁଥିଲେ ଯେ, **ଅବୁ ବକରିନ୍ ସୟେଦିନା ଆତକା ସୟେଦିନା** । ଅର୍ଥାତ ବିଲାଲ୍ ର.ଅଙ୍କୁ ହ. ଅବୁ ବକର ର.ଅଙ୍କୁ ମୁକ୍ତ କରିଥିଲେ । ଅବୁ ବକର ର.ଅ ମୋର ସ୍ୱାମୀ (ମାଲିକ) ଓ ମୋର ଅଧିପତି ଅଟନ୍ତି ଏବଂ ସେ ହିଁ (ଆମର ଅଧିପତିଙ୍କୁ) ଆମକୁ ମୁକ୍ତ କରିଥିଲେ । ତହିଁରୁ ଯଥାର୍ଥ ହ. ବିଲାଲ୍ ର.ଅ ଅଟନ୍ତି । ସତ୍ୟବାଦୀ ହ. ଅବୁ ବକର ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ ପର୍ଯ୍ୟାୟରେ ନିଜ ଧନରୁ ୭ ଜଣ ଦାସମାନଙ୍କୁ ମୁକ୍ତ ତଥା ସ୍ୱାଧୀନ କରିଥିଲେ ଏବଂ ସେହି ଦାସମାନଙ୍କୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ଦୁଃଖ କଷ୍ଟ ଦିଆଯାଉଥିଲା । ସେହି ଦାସମାନେ ହେଲେ ଯଥା;- **ହ. ବିଲାଲ୍ ର.ଅ, ଆମିର ବିନ୍ ଫୁହେରା ର.ଅ, ଜନିରାହ୍ ର.ଅ, ନହ୍‌ଦିୟା ର.ଅ ଓ ତାଙ୍କ ସୁପୁତ୍ରୀ ର.ଅ ଓ ତାଙ୍କ ସୁପୁତ୍ରୀ ବନୀ ମୋଏମଲ୍ କିମ୍ବା ଅନ୍ୟ ଜଣେ ଦାସୀ ଉମ୍ମେ ଓୱେସ୍** ଇତ୍ୟାଦି ।

ବିରୋଧୀମାନେ ମଧ୍ୟ ହ. ଉମର୍ ର.ଅଙ୍କ ପୁଣ୍ୟ ଓ ଉତ୍ତମ ଚରିତ୍ରବତ୍ତାର କାଇଲ୍ (ସ୍ୱୀକାର କରୁଥିଲେ) ଥିଲେ । ସୁତରାଂ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏସଂପର୍କରେ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ବକର ର.ଅଙ୍କ ପରି ବ୍ୟକ୍ତି ଯାହାଙ୍କର ସମଗ୍ର ମକ୍କାବାସୀ କୃତଜ୍ଞ ଥିଲେ ସେ ଯାହା କିଛି ଅର୍ଥୋପାର୍ଜନ କରୁଥିଲେ ସେ ସହି ଅର୍ଥକୁ ଦାସମାନଙ୍କୁ ମୁକ୍ତ କରିବାରେ ଖର୍ଚ୍ଚ କରି ଦେଉଥିଲେ। ଏକଦା ହ. ଅବୁ ବକର ର.ଅ ମକ୍କା ଛାଡ଼ି ଯାଉଥିଲେ ଜଣେ ଧନାଢ୍ୟ (ଧନୀକ) ବ୍ୟକ୍ତି ସହିତ ଆପଣ ର.ଅଙ୍କ ଭେଟ ହେଲା ଏବଂ ସେ ପଚାରିଲା ହେ ଅବୁ ବକର! ଆପଣ କେଉଁଠି ଯାଉଛନ୍ତି? ପ୍ରତ୍ୟୁତ୍ତରରେ ଆପଣ ର.ଅ କହିଲେ, ଏହି ସହରଟି ବର୍ତ୍ତମାନ ମୋ ପାଇଁ ଆଉ ଶାନ୍ତିର ସ୍ଥଳୀ ହୋଇ ରହି ନାହିଁ, ବର୍ତ୍ତମାନ ମୁଁ କେଉଁଆଡ଼େ ଚାଲିଯାଉଛି ? ସେହି ଧନୀକ ବ୍ୟକ୍ତି ଜଣକ ହ. ଅବୁ ବକର ର.ଅଙ୍କୁ କହିଲା, ଆପଣଙ୍କ ଭଳି ପୁଣ୍ୟବାନ ବ୍ୟକ୍ତି ଯଦି ଏହି ସହରରୁ ଚାଲି ଯାଆନ୍ତି ତାହାହେଲେ ଏହି ସହରଟି ଧ୍ୱଂସ ହୋଇଯିବ । ମୁଁ ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବି, ଆପଣ ଜମା ଏହି ସହର ଛାଡ଼ି ଯାଆନ୍ତୁ ନାହିଁ । ସୁତରାଂ ଆପଣ ର.ଅ ସେହି ଧନୀକ ବ୍ୟକ୍ତିର ସୁରକ୍ଷା ଏବଂ ଛତ୍ର ଛାୟାକୁ ଫେରି ଆସିଲେ । ଆପଣ ର.ଅ ଯେତେବେଳେ ସକାଳେ ଉଠୁଥିଲେ ଏବଂ ସକାଳେ ଉଠି ପବିତ୍ର କୁରଆନ୍ କରୀମ ପଢୁଥିଲେ ସେତେବେଳେ ମହିଳା ଏବଂ ପିଲାମାନେ କାନ୍ଥ ସହିତ ସଂଲଗ୍ନ ହୋଇ ପବିତ୍ର କୁରଆନ୍ କରୀମ୍ ଶୁଣୁଥିଲେ । କାରଣ ଆପଣ ର.ଅଙ୍କ ସ୍ୱରରେ ସେହି ଆର୍ତ୍ତନାଦ ଏବଂ କୋହ ରହୁଥିଲା ଏବଂ ପବିତ୍ର କୁରଆନ୍ କରୀମ୍ ଆରବୀ ଭାଷାରେ ଥିଲା । ପ୍ରତ୍ୟେକ ଆବାଳା ବୃଦ୍ଧ ବନୀତା ଏହାକୁ ବୁଝି ଅତି ସହଜରେ ବୁଝି ପାରୁଥିଲେ ଏବଂ ଶ୍ରୋତାମାନେ ଏହାକୁ ଶୁଣି ପ୍ରଭାବିତ ହେଉଥିଲେ । ଯେତେବେଳେ ଏହି କଥା ଚତୁର୍ଦ୍ଦିଗରେ ବ୍ୟାପୀଗଲା ଓ ମକ୍କାରେ ଚହଳ ପଡ଼ିଗଲା ଯେ, ହ. ଅବୁ ବକର ର.ଅଙ୍କ ପବିତ୍ର କୁରଆନ୍ ତିଲାୱତ୍ ଫଳରେ ମକ୍କାର ସମସ୍ତ ଲୋକମାନେ **ନାଉଜୁ ବିଲ୍ଲାଃ** ବିଧର୍ମୀ ହୋଇଯିବେ । ପରିଶେଷରେ ମକ୍କାବାସୀ ସେହି ଧନୀକ ବ୍ୟକ୍ତି ନିକଟକୁ ଗଲେ ଏବଂ ତା'କୁ କହିଲେ ଯେ, ତୁମେ ହ. ଅବୁ ବକରଙ୍କୁ କାହିଁକି ଶରଣ ଦେଇଛ ? ସେହି ଧନୀକ ବ୍ୟକ୍ତି ଆସି ହ. ଅବୁ ବକର ର.ଅଙ୍କୁ କହିଲା, ହେ ଅବୁ ବକର ! ଆପଣ ଏପରି (ଏପରି ଢଙ୍ଗରେ) ପବିତ୍ର କୁରଆନ କରୀମ୍‌ର ତିଲାୱତ୍ କରନ୍ତୁ ନାହିଁ। ମକ୍କାବାସୀ ଏହାକୁ ଖରାପ ବୋଲି ମନେ କରୁଛନ୍ତି ଏବଂ ଆପଣଙ୍କ ପ୍ରତି କ୍ଷୁବ୍ଧ ହେଉଛନ୍ତି । ହ. ଅବୁ ବକର ର.ଅ ଉକ୍ତ ଧନୀକ ବ୍ୟକ୍ତିକୁ କହିଲେ ହେ ମାନ୍ୟବର ! ଆପଣ ନିଜର ଶରଣ ଫେରସ୍ତ କରି ନିଅନ୍ତୁ। କାରଣ ମୁଁ ତ' ତହିଁରୁ ଅର୍ଥାତ ପବିତ୍ର କୁରଆନ୍‌ର ତିଲାୱତରୁ ବିରତ ଓ ନିବୃତ୍ତ ହୋଇପାରିବି ନାହିଁ । ସୁତରାଂ ସେହି ଧନୀକ ବ୍ୟକ୍ତି ଆପଣ ର.ଅଙ୍କ ଶାନ୍ତି ଓ ଶରଣକୁ ଫେରସ୍ତ କରିନେଲା । ହୁଜୁର ର.ଅ କହିଲେ ଏହି କଥାଟି କେତେ ବଳିଷ୍ଠ ଏବଂ କେତେ ଭବ୍ୟ ପ୍ରମାଣ ଓ ନିଦର୍ଶନ ଅଟେ ଯେ, ମୁହମ୍ମଦ ସ.ଅଙ୍କର ସେହି ଲୋକମାନେ ପରମ ଶତ୍ରୁ ଥିଲେ ଏବଂ ସେମାନେ ଆପଣ ର.ଅଙ୍କୁ ଗାଳିଗୁଲଚ ମଧ୍ୟ କରୁଥିଲେ । କିନ୍ତୁ ହ. ଅବୁ ବକର ର.ଅଙ୍କ ପବିତ୍ରତାର ସେମାନେ କାଇଲ୍ ଥିଲେ, ଯେପରିକି ସେହି ଧନୀକ ବ୍ୟକ୍ତି ଜଣକ କହିଲା କି ହେ ଅବୁ ବକର ! ଆପଣଙ୍କ ଭଳି ପୁଣ୍ୟବାନ ବ୍ୟକ୍ତି ଯଦି ଏହି ସହର ଛାଡ଼ି ଚାଲି ଯାଆନ୍ତି ତେବେ ଏହି ସହର ଧ୍ୱଂସ ହୋଇଯିବ ।

ନମାଜରେ ଇମାମତ୍ ସଂପର୍କରେ ଉଲ୍ଲେଖ ରହିଛି ଯେ, ନବୀ କରୀମ୍ ସ.ଅଙ୍କ ଅନୁପସ୍ଥିତିରେ ଯେଉଁ କେତେଜଣ ସାହାବାମାନଙ୍କୁ ନମାଜ ପଢେଇବାର ସୌଭାଗ୍ୟ ଅର୍ଜନ ହୋଇଥିଲା ତନ୍ମଧ୍ୟରେ ହ. ଅବୁ ବକର ର.ଅ ଅନ୍ୟତମ ଅଟନ୍ତି। ସେହିପରି ହ. ଅବୁ ବକର ର.ଅଙ୍କ ଆଉ ଏକ ବିଶେଷତା ହେଲା ଯେ, ଆଁହଜରତ ସ.ଅଙ୍କ ଶେଷ ରୋଗଶଯ୍ୟା ଅବସ୍ଥାରେ ତାଙ୍କୁ ଆଁହଜରତ ସ.ଅଙ୍କ ନିର୍ଦ୍ଦେଶକ୍ରମେ ନମାଜ ପଢଇବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

ତତ୍‌ସଂକ୍ରାନ୍ତରେ ବିଭିନ୍ନ ବର୍ଣ୍ଣନା ରହିଛି । ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ ସେହି ଲୋକମାନେ ଯେଉଁମାନଙ୍କ ଗହଣରେ ହ. ଅବୁ ବକର ର.ଅ ବିଦ୍ୟମାନ ଥାଆନ୍ତି ତେବେ ସେ ପରିପ୍ରେକ୍ଷୀରେ ଅନ୍ୟ ବ୍ୟକ୍ତି ପକ୍ଷେ ଏହା ଉଚିତ ହେବ ନାହିଁ ଯେ, ସେ ନମାଜ ପଢାନ୍ତୁ ଏବଂ ଲୋକମାନଙ୍କର ଇମାମତ୍ କରାନ୍ତୁ । ଅସ୍‌ୱଦ୍ ବର୍ଣ୍ଣନା କରନ୍ତି ଯେ, ଆମେମାନେ ହ. ଆଏଶା ର.ଅଙ୍କ ନିକଟରେ ରହିଥିଲୁ ଠିକ୍ ସେହି ସମୟରେ ଆମେମାନେ ନମାଜ ନିମନ୍ତେ ନିୟମିତ ପାଠ ଏବଂ ତା'ର ମହତ୍ୱ ସଂକ୍ରାନ୍ତରେ ଚର୍ଚ୍ଚା କଲୁ । ତେବେ ସେ କହିଲେ, ରସୁଲୁଲ୍ଲାଃ ସ.ଅ ସେହି ରୋଗ ଯୋଗୁଁ ଅସୁସ୍ଥ ହେଲେ ଯହିଁରେ ଆପଣ ସ.ଅଙ୍କ ଦେହାନ୍ତ ହୋଇଯାଇଥିଲା । ତେଣୁ ଯେତେବେଳେ ନମାଜର ସମୟ ହେଲା ସେତେବେଳେ ଅଜାନ ଦିଆଗଲା । ଆଁହଜରତ ସ.ଅ କହିଲେ ଅବୁ ବକର ର.ଅଙ୍କୁ କୁହ ଯେ, ସେ ଲୋକମାନଙ୍କୁ ନମାଜ ପଢେଇ ଦେବେ । ତେବେ ଆପଣ ସ.ଅଙ୍କୁ ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅବୁ ବକର ଅତ୍ୟନ୍ତ କୋମଳ ହୃଦୟର ବ୍ୟକ୍ତି ଅଟନ୍ତି ତେଣୁ ସେ ଯେତେବେଳେ ଆପଣଙ୍କ ସ୍ଥାନରେ ଛିଡ଼ା ହେବେ ସେତେବେଳେ ସେ ଲୋକମାନଙ୍କୁ ନମାଜ ପଢେଇ ପାରିବେ ନାହିଁ । ଆପଣ ସ.ଅ ପୁନଃ କହିଲେ ଯେ, ହ. ଅବୁ ବକର ର.ଅଙ୍କୁ କୁହ ଯେ, ସେ ନମାଜରେ ଇମାମତ୍ କରିବେ । ସୁତରାଂ ଆପଣ ସ.ଅଙ୍କୁ ପୁନଃ ସାହାବାମାନେ ସେହି କଥା କହିଲେ ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ହ. ଅବୁ ବକର ର.ଅ ଅତ୍ୟନ୍ତ କୋମଳ ହୃଦୟର ବ୍ୟକ୍ତି ଅଟନ୍ତି ତେଣୁ ସେ ଯେତେବେଳେ ଆପଣଙ୍କ ସ୍ଥାନରେ ଛିଡ଼ା ହେବେ ସେତେବେଳେ ସେ ଲୋକମାନଙ୍କୁ ନମାଜ ପଢେଇ ପାରିବେ ନାହିଁ । ଆପଣ ସ.ଅ ତୃତୀୟ ଥର ପାଇଁ ସେହି କଥାର ପୁନରବୃତ୍ତି କଲେ ଏବଂ କହିଲେ ତୁମେମାନେ **ୟୁସୁଫ୍ ୱାଲିଆଁ** ଅଟ । ଅର୍ଥାତ ତୁମେମାନେ ଏଭଳିଆ କଥା କହୁଛ । ମୁଁ ତୁମମାନଙ୍କୁ କହୁଛି ପରା ତୁମେମାନେ ଅବୁ ବକରଙ୍କୁ କୁହ ଯେ, ସେ ଯାଇ ଲୋକମାନଙ୍କୁ ନମାଜ ପଢାନ୍ତୁ। ସୁତରାଂ ତେବେଯାଇ ହ. ଅବୁ ବକର ର.ଅ ଲୋକମାନଙ୍କୁ ନମାଜ ପଢାଇବା ପାଇଁ ବାହାରିଲେ । ନବୀ କରୀମ୍ ସ.ଅ ନିଜକୁ ସୁସ୍ଥ ଅନୁଭବ କରିବାରୁ ଆପଣ ସ.ଅ ନମାଜ ପାଇଁ ବାହାରିଲେ ଏବଂ ଆପଣ ସ.ଅଙ୍କୁ ଦୁଇ ଜଣ ବ୍ୟକ୍ତିଙ୍କ କାନ୍ଧ ଧରିଲେ । ହ. ଆଏଶା ର.ଅ କହନ୍ତି ଯେ, ମୋତେ ଏକଥା ସେହିପରି ମନେ ରହିଛି ଯେପରି ମୁଁ ଦେଖିଥିଲି ଏବଂ ସେହି ଦୃଶ୍ୟଟି ମୋ ଆଖି ଆଗରେ ସେହପରି ନାଚି ଯାଉଛି ଅର୍ଥାତ ମୁଁ ଦେଖୁଛି ଯେ, ଆପଣ ସ.ଅ ରୋଗରେ ପୀଡ଼ିତ ଥିବା ହେତୁ ଭୂମିରେ ଚାଲିଲାବେଳେ ଗାର ଟାଣି ହୋଇଯାଇଥିଲା । ଅର୍ଥାତ ଆଁହଜରତ ସ.ଅ ସଠିକ୍ ଭାବରେ ଚାଲିପାରୁ ନଥିଲେ ଓ ଘୋଷାରି ହୋଇ ଚାଲୁଥିଲେ। ହ. ଅବୁ ବକର ର.ଅ ଯେତେବେଳେ ଆଁହଜରତ ସ.ଅଙ୍କୁ ଏପରି ଘୋଷାରି ହୋଇ ଚାଲୁଥିବାର ଦେଖିଲେ ସେତେବେଳେ ଆପଣ ର.ଅ ପଛକୁ ଘୁଞ୍ଚିଗଲେ । କିନ୍ତୁ ନବୀ କରୀମ୍ ସ.ଅ ଇଙ୍ଗିତ କଲେ ଯେ, ହେ ଅବୁ ବକର ! ନିଜ ସ୍ଥାନରେ ଆପଣ ଛିଡ଼ା ହୁଅନ୍ତୁ । ପୁନଶ୍ଚ ଆପଣ ସ.ଅଙ୍କୁ ଅଣାଗଲା ଏପର୍ଯ୍ୟନ୍ତ କି ଆପଣ ସ.ଅ ହ. ଅବୁ ବକର ର.ଅଙ୍କ ପାର୍ଶ୍ୱରେ ବସି ପଡ଼ିଲେ। ଆମିଶ୍‌ଙ୍କୁ କୁହାଗଲା ଯେ, କ'ଣ ନବୀ କରୀମ୍ ସ.ଅ ନମାଜ ପଢୁଥିଲେ କି ଏବଂ ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କ ପଛରେ ନମାଜ ପଢୁଥିଲେ କି ? ଅବା ଲୋକମାନେ ହ. ଅବୁ ବକର ର.ଅଙ୍କ ପଛରେ ନମାଜ ପଢୁଥିଲେ ? ସୁତରାଂ ଆମିଶ୍ ମୁଣ୍ଡ ଟୁଙ୍ଗାରି କହିଲେ, ହଁ । ଆଁହଜରତ ସ.ଅ ହ. ଅବୁ ବକର ର.ଅଙ୍କ ବାମ ପାର୍ଶ୍ୱରେ ବସିଥିଲେ ଏବଂ ହ. ଅବୁ ବକର ର.ଅ ଛିଡ଼ା ହୋଇ ନମାଜ ପଢୁଥିଲେ ।

ହ. ଅନସ୍ ବିନ୍ ମାଲିକ୍ ଅନ୍‌ସାରୀ ନାମକ ଜଣେ ବର୍ଣ୍ଣନାକାରୀ କୁହନ୍ତି ଯେ, ମୋତେ କୁହାଗଲା ଯେ, ସେ ନବୀ କରୀମ୍ ସ.ଅଙ୍କ ଅନୁକରଣ କରିଥିଲେ ଏବଂ ସେବା କରିଥିଲେ ଓ ଆପଣ ସ.ଅଙ୍କ ସାହଚର୍ଯ୍ୟତାରେ ରହିଥିଲେ । ପୁନଶ୍ଚ ସେ କହିଲେ ଯେ, ହ. ଅବୁ ବକର ର.ଅ ସେମାନଙ୍କୁ ନମାଜ ପଢାଉଥିଲେ ଯେତେବେଳେ ନବୀ କରୀମ୍ ସ.ଅ ଅସୁସ୍ଥ ଥିଲେ ଓ ସେହି ଅସୁସ୍ଥତା ହେତୁ ଆପଣ ସ.ଅଙ୍କ ଅକାଳ ବିୟୋଗ ହୋଇଯାଇଥିଲା । ସେହି ଅଶୁଭ ଦିନଟି ସୋମବାର ଦିନ ଥିଲା ଏବଂ ଲୋକମାନେ ହ. ଅବୁ ବକର ର.ଅଙ୍କ ଅନୁକରଣଦ୍ୱରେ ଧାଡ଼ି ହୋଇ ନମାଜ ପଢୁଥିଲେ । ନବୀ କରୀମ୍ ସ.ଅ ନିଜ ଗୃହର ପରଦା ହଟାଇଲେ ଏବଂ ଆମକୁ ଦେଖୁଥିଲେ ଏବଂ ଆପଣ ସ.ଅ ଛିଡ଼ା ହେଲେ । ଏହା ଏପରି ପ୍ରତିତ ହେଉଥିଲା ଯେପରି ଆପଣ ସ.ଅ ମୁଖମଣ୍ଡଳ ପବିତ୍ର କୁରଆନ୍ କରୀମ୍‌ର ଏକ ପୃଷ୍ଠା ଥିଲା । ପନଶ୍ଚ ଏହାପରେ ଆଁହଜରତ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ଆମେମାନେ ଏହା ଭାବିଲୁ ଯେ, ଆମେମାନେ ଆଁହଜରତ ସ.ଅଙ୍କୁ ନମାଜ ଅବସ୍ଥାରେ ଚାହିଁ ଦେଇଥିବାରୁ ଧର୍ମ ସଂକଟରେ ପଡ଼ି ଯାଇଛୁ । ଠିକ୍ ସେତିକିବେଳେ ହ. ଅବୁ ବକର ର.ଅ ନିଜ ଗୋଇଠି ସାହାଯ୍ୟରେ ପଛକୁ ହଟିଲେ । କାରଣ ସେ ଧାଡ଼ିରେ ଯାଇ ମିଶିଯବେ ଏବଂ ସେ ଏହା ଭାବିଲେ ଯେ, ନବୀ କରୀମ୍ ସ.ଅ ନମାଜ ପାଇଁ ବାହାରକୁ ଆସୁଛନ୍ତି । କିନ୍ତୁ ନବୀ କରୀମ୍ ସ.ଅ ଇଙ୍ଗିତ କଲେ ଯେ, ହେ ଅବୁ ବକର ! ନିଜର ନମାଜ ପୂର୍ଣ୍ଣ କର ଏବଂ ପରଦା ପୁନଶ୍ଚ ପକାଇଦେଲେ । ସେହି ଦିନ ହିଁ ଆପଣ ସ.ଅଙ୍କ ସ୍ୱର୍ଗବାସ ହୋଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଏକଦା ସେହି ଦିନମାନଙ୍କରେ ହ. ଉମର୍ ର.ଅ ନମାଜ ପଢେଇଥିଲେ ଯାହାର ବିସ୍ତୃତ ବିବରଣୀ ଏହିପରି ମିଳେ ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଜମ୍‌ଆ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ରୋଗ ଯେତେବେଳେ ଚରମ ସୀମାରେ ପହଞ୍ଚିଲା ଏବଂ ମୁଁ ମୁସଲମାନମାନଙ୍କ ଏକ ଗୋଷ୍ଠୀରେ ସେବା ସମ୍ପାଦନ କରୁଥିଲି । ହ. ବିଲାଲ୍ ର.ଅ ଆପଣ ସ.ଅଙ୍କୁ ଡାକିଲେ ତେବେ ଆପଣ ସ.ଅ କହିଲେ, ଅନ୍ୟ ବ୍ୟକ୍ତିକୁ କୁହ ଯେ, ସେ ଲୋକମାନଙ୍କୁ ନମାଜ ପଢାଇଦେବେ । ହ. ଅବ୍‌ଦୁଲ୍ଲାଃ ବିନ୍ ଜମ୍‌ଆ ଯେତେବେଳେ ବାହାରକୁ ବାହାରିଲେ ସେତେବେଳେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 8-15 JUN 12023 Issue No. 23-24

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସେ ଏହା ଦେଖିଲେ ଯେ, ହ. ଉମର୍ ଲୋକମାନଙ୍କ ଗହଣରେ ଥିଲେ ଏବଂ ହ. ଅବୁ ବକର ର.ଅ ଉପସ୍ଥିତ ନଥିଲେ । ଅବ୍‌ଦୁଲ୍ଲାଃ ବିନ୍ ଜମ୍‌ଆ କହନ୍ତି ଯେ, ମୁଁ କହିଲି ହେ ଉମର୍ ! ଆପଣ ଛିଡ଼ା ହୋଇଯାଆନ୍ତୁ ଏବଂ ଲୋକମାନଙ୍କୁ ନମାଜ ପଢାନ୍ତୁ । ହ. ଉମର୍ ଆଗକୁ ବଢିଲେ ଏବଂ ଅଲ୍ଲାଃହୁ ଅକବର କହିଲେ । ହ. ଉମର୍ ର.ଅଙ୍କ ସ୍ୱର ଉଚ୍ଚ ଥିଲା । ତେଣୁ ଆଁହଜରତ ସ.ଅ ଯେତେବେଳେ ହ. ଉମର୍ ର.ଅଙ୍କ ସ୍ୱର ଶୁଣିଲେ ସେତେବେଳେ କହିଲେ, ଉମର୍! ଅବୁ ବକର ର.ଅ କାହାନ୍ତି ? ଅଲ୍ଲାଃତାଲା ଏହାକୁ ଅସ୍ୱୀକାର କରିଛନ୍ତି ଏବଂ ମୁସଲମାନମାନେ ମଧ୍ୟ ହ. ଉମର୍ ର.ଅଙ୍କ ପଛରେ ନମାଜ ପଢିବାକୁ ଅସ୍ୱୀକାର କରୁଛନ୍ତି। ଆପଣ ସ.ଅ ହ. ଅବୁ ବକର ର.ଅଙ୍କୁ ଡାକି ପଠାଇଲେ, ସେ ଆସିଲେ ଏବଂ ହ. ଉମର୍ ର.ଅ ଯଦିଓ ନମାଜ ପଢେଇ ସାରିଥିଲେ । ପୁନଶ୍ଚ ଏହାପରେ ଅବୁ ବକର ର.ଅ ଲୋକମାନଙ୍କୁ ନମାଜ ପଢେଇଲେ। ଏହା ମଧ୍ୟ ହ. ଉମର୍ ର.ଅଙ୍କ ସଂପର୍କରେ ଏକ ବର୍ଣ୍ଣନା ଅଟେ ।

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅଙ୍କ ସ୍ୱର ଯେତେବେଳେ ନବୀ କରୀମ୍ ସ.ଅ ଶୁଣିଲେ ସେତେବେଳେ ନବୀ କରୀମ୍ ସ.ଅ ବାହାରକୁ ଆସିଲେ, ଏପର୍ଯ୍ୟନ୍ତ କି ଆପଣ ସ.ଅ ନିଜର ପବିତ୍ର ମୁଣ୍ଡ ନିଜ କୋଠରୀରୁ ବାହାର କରି ଚାହିଁଲେ, ପୁନଶ୍ଚ କହିଲେ, ନାହିଁ ନାହିଁ । ଏପରି ହୋଇପାରିବ ନାହିଁ ବରଂ ଏପରି ହେବା ଉଚିତ ଯେ, ଇବ୍‌ନେ ଅବି କାହାଫା ହିଁ ଲୋକମାନଙ୍କୁ ନମାଜ ପଢାନ୍ତୁ । ଆପଣ ସ.ଅ ଏହି କଥା ଯୋଗୁଁ କ୍ଷୁବ୍ଧ ହୋଇ କହିଥିଲେ । ଉକ୍ତ ବର୍ଣ୍ଣନାର ଅତିରିକ୍ତ ବିବରଣୀ ମୁସ୍‌ନଦ୍ ଅହେମଦରେ ଚର୍ଚ୍ଚା ମିଳେ ଯେ, ହ. ଉମର୍ ର.ଅଙ୍କୁ ଯେତେବେଳେ ଉକ୍ତ କଥା ସଂପର୍କରେ ଜ୍ଞାତ ହେଲା ଯେ, ଆଁହଜରତ ସ.ଅ ତାଙ୍କ ପ୍ରତି କ୍ଷୁବ୍ଧ ଭାବ ପ୍ରକାଶ କରିଛନ୍ତି ତେବେ ସେ ହ. ଅବ୍‌ଦୁଲ୍ଲାଃ ବିନ୍ ଜମ୍‌ଆଙ୍କୁ ପଚାରିଲେ, ଜମ୍‌ଆ ! ତୁମେ ପରା ମୋତେ ଏକଥା କହିଥିଲ କି ହେ ! ଉମର୍ ଆପଣ ଲୋକମାନଙ୍କୁ ନମାଜ ପଢାନ୍ତୁ । ତେଣୁ ମୁଁ ଭାବିଲି ଯେ, ତୁମକୁ ଆଁହଜରତ ସ.ଅ କହିଥିଲେ ନମାଜ ପଢାଇବାକୁ ଅନ୍ୟଥା ମୁଁ କେବେବି ନମାଜ ପଢାଇ ନଥାଆନ୍ତି। ପ୍ରତ୍ୟୁତ୍ତରରେ ଜମ୍‌ଆ କହିଲେ ନାହିଁ ନାହିଁ ମୁଁ ଯେତେବେଳେ ଦେଖିଲି ଯେ, ହ. ଅବୁ ବକର ର.ଅ ଦିଶୁ ନାହାନ୍ତି ତେବେ ମୁଁ ଏହା ଭାବିଲି ଯେ, ହ. ଅବୁ ବକର ର.ଅଙ୍କ ପରେ ନମାଜ ପଢେଇବାର ଅଧିକାର ଆପଣଙ୍କର ଅଟେ । ସେଇଥିପାଇଁ ମୁଁ ସ୍ୱୟଂ ଆପଣଙ୍କ ସେବାରେ ନମାଜ ପଢାଇବା ପାଇଁ ଅନୁରୋଧ କରୁଥିଲି । ମୋତେ ଆଁହଜରତ ସ.ଅ ସିଧାସଳଖ କହି ନଥିଲେ। ଏହି ବର୍ଣ୍ଣନାଟି ମୁସ୍‌ନଦ୍‌ର ବର୍ଣ୍ଣନା ଅଟେ ।

ହ. ଅବୁ ବକର ର.ଅଙ୍କ ସନ୍ତାନ ବତ୍ସଳତା ସଂପର୍କରେ ଜଣେ ପ୍ରାବନ୍ଧିକ ଉଲ୍ଲେଖ କରନ୍ତି ଯେ, ହ. ଅବୁ ବକର ର.ଅ ନିଜ ସନ୍ତାନମାନଙ୍କୁ ବହୁତ ଭଲ ପାଉଥିଲେ । ନିଜର ବାକ୍ୟ ଏବଂ କାର୍ଯ୍ୟରୁ ଅନେକ ଥର ଏକଥାର ପରିପ୍ରକାଶ ମଧ୍ୟ କରୁଥିଲେ ଯେ, ମୁଁ ନିଜ ପିଲାମାନଙ୍କୁ ବହୁତ ଭଲ ପାଏ । ହ. ଅବୁ ବକର ର.ଅଙ୍କ ଜ୍ୟେଷ୍ଠ ସୁପୁତ୍ର ହ. ଅବ୍‌ଦୁର୍ ରହେମାନ ଏକ ଅଲଗା ବାସ ଭବନରେ ରହୁଥିଲେ । କିନ୍ତୁ ତାଙ୍କ ଘରର ସମସ୍ତ ଖର୍ଚ୍ଚ ହ. ଅବୁ ବକର ର.ଅ ସ୍ୱୟଂ ବହନ କରୁଥିଲେ । ହ. ଅବୁ ବକର ର.ଅଙ୍କ ଜ୍ୟେଷ୍ଠ କନ୍ୟା ଅସ୍‌ମାଙ୍କ ବିବାହ ହ. ଜୁବୈରି ବିନ୍ ଅୱାମ୍‌ଙ୍କ ସହିତ ହୋଇଥିଲା । ପ୍ରଥମେ ପ୍ରଥମେ ସେ ଅତ୍ୟନ୍ତ ଅଭାବ ଅବସ୍ଥା ଦେଇ ଗତି କରୁଥିଲେ। ଘରେ କୌଣସି ସେବକ ସେବିକା ରଖିବାକୁ ସାମର୍ଥ୍ୟ ମଧ୍ୟ ନଥିଲା । ଏଣୁ ହ. ଅସ୍‌ମା ର.ଅଙ୍କୁ ବହୁତ କାର୍ଯ୍ୟ କରିବାକୁ ପଡୁଥିଲା । ସେ ନିଜେ ଅଟା ଚକଟୁଥିଲେ, ଖାଦ୍ୟ ରାନ୍ଧୁଥିଲେ, ପାଣି ପାତ୍ରରେ ରଖୁଥିଲେ ଏବଂ ଅନେକ ଦୂରରୁ ମୁଣ୍ଡରେ ପାଣି ବୋହି ଆଣୁଥିଲେ । ଏପର୍ଯ୍ୟନ୍ତକି ସେ ଘୋଡ଼ାକୁ ଚାରା ଖାଇବାକୁ ମଧ୍ୟ ଦେଇଥିଲେ। ସତ୍ୟବାଦୀ ହ. ଅବୁ ବକର ର.ଅଙ୍କୁ ଯେତେବେଳେ ତାଙ୍କର ପରିସ୍ଥିତି ସଂପର୍କରେ ଜ୍ଞାତ ହେଲା ସେତେବେଳେ ଜଣେ ସେବକକୁ ପ୍ରେରଣ କଲେ ଯେକି ଘୋଡ଼ାକୁ ଚାରା ଖୁଆଉଥିଲା ଏବଂ ତା'ର ଯତ୍ନ ନେଉଥିଲା । ହ. ଅସ୍‌ମା କହନ୍ତି ଯେ, ସେବକ ପ୍ରେରଣ କରି ପିତାଶ୍ରୀ ମୋତେ କାମ ଜଞ୍ଜାଳରୁ ମୁକ୍ତି ଦେଇଥିଲେ।

ହ. ଅବ୍‌ଦୁଲ୍ଲାଃ ବିନ୍ ଅବୁ ବକର ର.ଅ ନିଜର ପତ୍ନୀ ଆତିକାକୁ ବହୁତ ଭଲ ପାଉଥିଲେ ଏବଂ ତତ୍‌ସଂପର୍କରେ ଏକ ଘଟଣା ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଅବୁ ବକର ର.ଅ ନିଜ ପତ୍ନୀଙ୍କୁ ଭଲ ପାଇବା ଯୋଗୁଁ ଜିହାଦ୍ ଯିବାକୁ ପରିତ୍ୟାଗ କରି ଦେଇଥିଲେ । ହ. ଅବୁ ବକର ର.ଅ ଏହାକୁ ସହ୍ୟ କରିପାରୁ ନଥିଲେ । ସୁତରାଂ ସେ ନିଜର ସୁପୁତ୍ରକୁ ଆଦେଶ ଦେଇ କହିଲେ, ଅବ୍‌ଦୁଲ୍ଲାଃ ତୁମେ ନିଜର ପତ୍ନୀକୁ ଛାଡ଼ ପତ୍ର ଦେଇ ଦିଅ। କାରଣ ତୁମେ ନିଜ ପତ୍ନୀ ପ୍ରତି ନିବିଡ଼ ପ୍ରେମ ଯୋଗୁଁ ଜିହାଦ୍ ଯିବାକୁ ମଧ୍ୟ ଛାଡ଼ି ଦେଇଛ । ପ୍ରତ୍ୟୁତ୍ତରରେ ସେ ପିତାଶ୍ରୀଙ୍କ ଏହା ଆଦେଶକୁ ପାଳନ କଲେ । କିନ୍ତୁ ଆତିକାଙ୍କ ବିରହରେ ସେ କୋହଭରା ଏକ କବିତା କହିଲେ। ହ. ଅବୁ ବକର ର.ଅଙ୍କ କାନରେ ଯେତେବେଳେ ଏହି କବିତା ପହଞ୍ଚିଲା ସେତେବେଳେ ତାଙ୍କର ହୃଦୟ ତରଳିଗଲା ଏବଂ ସେ ହ. ଅବ୍‌ଦୁଲ୍ଲାଃ ର.ଅଙ୍କୁ ନିଜ ପତ୍ନୀ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବାକୁ ଅନୁମତି ପ୍ରଦାନ କରିଦେଲେ ।

ହ. ବରାଅ ବିନ୍ ଆଜିବ୍ ବର୍ଣ୍ଣନା କଲେ ଯେ, ମୁଁ ହ. ଅବୁ ବକର ର.ଅଙ୍କ ସହିତ ତାଙ୍କ ଘରର ଲୋକମାନଙ୍କ ଗହଣରେ ଯେତେବେଳେ ପ୍ରବେଶ କଲି ସେତେବେଳେ ତାଙ୍କର ସୁପୁତ୍ରୀ ହ. ଆଏଶା ର.ଅ ଶୋଇଥିଲେ ଏବଂ ତାଙ୍କୁ ଜ୍ୱର ହୋଇଥିଲା ମୁଁ ଦେଖିଲି ଯେ, ହ. ଅବୁ ବକର ର.ଅ ନିଜ ସୁପୁତ୍ରୀ ହ. ଆଏଶା ର.ଅଙ୍କ ଗାଲକୁ ଚୁମ୍ବନ ଦେଲେ ଏବଂ କହିଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଯେ, ହେ ମୋର ପ୍ରିୟ ସୁପୁତ୍ରୀ ! ତୁମେ କିପରି ଅଛ ଓ ତୁମର ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ? ହୁଜୁର ଅନୱର୍ ଅ.ବ କହିଲେ, ହ. ଅବୁ ବକର ର.ଅଙ୍କ ସଂପର୍କିତ ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା ହେବ ।

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan